## ଅଲ୍ଲାଃ ତାଲାଙ୍କ ବାଣୀ

وَاٰتُوا الْيَتٰمٰٓى اَمْوَالَهُمْ
وَلَا تَتَبَدَّلُوا الْخَبِيْثَ بِالطَّيِّبِ
وَلَا تَاْكُلُوْٓا اَمْوَالَهُمْ اِلٰٓى اَمْوَالِكُمْ
اِنَّهٗ كَانَ حُوْبًا كَبِيْرًا ﴿النساء:3﴾

ଅନୁବାଦ-ଏବଂ ଅନାଥମାନଙ୍କୁ ସେମାନଙ୍କର (ସମ୍ପତି) ଅର୍ପଣ କର; ଏବଂ ଭଲ (ସମ୍ପତି) ବିନିମୟରେ ଖରାପ (ସମ୍ପତି) ନିଅ ନାହିଁ; ଏବଂ ସେମାନଙ୍କର ସମ୍ପତି ନିଜ ସମ୍ପତି ସହିତ (ଯୋଗକରି) ଭୋଗ କର ନାହିଁ, ବାସ୍ତବିକ ଏହା ମହାପାପ ଅଟେ ।

*(ଆଲେ ଇମରାନ୍: ୩)*


بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْد

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 5

ସଂଖ୍ୟା 22

ସାପ୍ତାହିକ

# ବଦର

Weekly **BADAR** Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

28 ମଇ 2020    28 ହିଜ୍ରତ୍ 1399 ହି.ଶ    04 ଶୱାଲ୍ 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଦୁଆ ଦ୍ୱାରା ଅଜାବ (ଐଶିଦଣ୍ଡ) ଟଳିଯାଏ ଏବଂ ହଜାର ହଜାର କଣ ସକଳ କାର୍ଯ୍ୟ ଦୁଆ ଦ୍ୱାରା ସାଧନ ହୋଇଥାଏ ।**
**ଅଲ୍ଲାଃ ତାଲାଙ୍କର ସକଳ ବସ୍ତୁ ଉପରେ ଅଧିକାର ରହିଛି, ସେ ଯାହା ଚାହିଁଥାଏ କରିଥାଏ**

**ମତେ ଏହା ଦେଖି ବହୁତ ଦୁଃଖ ଲାଗୁଛି ଯେ ଆଜିକାଲି ଉପାସନା ଧର୍ମପରାୟଣତା ଏବଂ ଧର୍ମ ଆଚରଣରେ ଯେଉଁ ପ୍ରେମଭାବ ନାହିଁ । ଉପାସନାରେ ଯେଉଁ ପ୍ରକାରର ଆସିବା କଥା ସେ ମଜା ଆସୁନାହିଁ, ଯେଉଁ ଲୋକମାନେ ଅଲ୍ଲାଃଙ୍କ ଉପାସନା କରିବାରେ ମଜା ଓ ଆସ୍ୱାଦନା ପାଉନାହାନ୍ତି, ସେମାନଙ୍କୁ ନିଜ ବେମାରୀ (ରୋଗ) ବିଷୟରେ ଚିନ୍ତା କରିବା ଉଚିତ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଯିଏ ସଫଳତା ଏବଂ ଖୁସି ସମୟରେ ତକ୍‌ୱା (ଧର୍ମପରାୟଣତା) ଦ୍ୱାରା କାର୍ଯ୍ୟ କରିଥାଏ ତାକୁ ଶୁଭେଚ୍ଛା ।

ଅଧିକାଂଶ ଲୋକମାନଙ୍କର ଜୀବନଚରିତ ପୁସ୍ତକରେ ଲେଖାଯାଇ ଅଛି ଯେ ସେମାନେ ପ୍ରାରମ୍ଭରେ ସଂସାର ସହିତ ଭିଷଣ ସମ୍ପର୍କ ସ୍ଥାପନ କରିଥିଲେ କିନ୍ତୁ ସେମାନେ କୌଣସି ଦୁଆ କରିଲେ ଓ ତାହା (ପୁରଣ) କୁବୁଲ୍ ହୋଇଗଲା । ତା'ପରେ ସେମାନଙ୍କର ଅବସ୍ଥା ହିଁ ପରିବର୍ତନ ହୋଇଗଲା । ସେଥିଯୋଗୁଁ ନିଜ ଦୁଆ ଗ୍ରହଣୀୟ ହେବାରେ ଓ ସଫଳତା ମିଳିବାରେ ଅଭିମାନ କରନାହିଁ । ବରଂ ଖୁଦାଙ୍କ କୃପା ଓ ଅନୁଗ୍ରହର ସମ୍ମାନ କର । କଥାରେ ଅଛି ଯେ ସଫଳତା ମିଳିଲେ ସାହାସ ଓ ଉତ୍ସାହରେ ଏକ ପ୍ରକାର ନୂଆ ଜୀବନ ମିଳିଥାଏ, ଏହି ଜୀବନରୁ ଲାଭ ଉଠାଇବା ଉଚିତ ଏବଂ ଏହାଦ୍ୱାରା ଅଲ୍ଲାଃ ତାଲାଙ୍କୁ ଚିହ୍ନିବାର ଆମକୁ ବଢ଼ିବା ଉଚିତ । କାରଣ ସବୁଠାରୁ ଉତମ ସ୍ତରର କଥା ଯାହା କାମରେ ଆସେ ତାହା ହେଉଛି ଏହି ମାରେଫତ୍‌ଏଲାହି (ଈଶ୍ୱରଙ୍କୁ ଚିହ୍ନିବା) ଏବଂ ଏହା ଖୁଦାତାଲାଙ୍କ କୃପା ଓ ଅନୁଗ୍ରହ ଉପରେ ଚିନ୍ତା କରିବା ଦ୍ୱାରା ସୃଷ୍ଟି ହୋଇଥାଏ । ଅଲ୍ଲାଃ ତାଲାଙ୍କ କୃପାକୁ କିଏ ରୋକି ପାରିବ ନାହିଁ । ବହୁତ ଦୀନତା /ନିର୍ଦ୍ଧନତା ମଧ୍ୟ ମଣିଷକୁ ଅସୁବିଧାରେ ପକାଇ ଦିଏ । ସେଥିଯୋଗୁଁ ହଦିସ୍‌ରେ ଆସିଛି ***ଅଲ୍‌ଫକ୍‌ରୁ ସୱାଦୁଲ୍ ୱଜ୍‌ହି*** । ଏମିତି ଲୋକମାନଙ୍କୁ ମୁଁ ନିଜେ ଦେଖିଛି, ଯେଉଁମାନେ ନିଜର ନିର୍ଦ୍ଧନତା ଯୋଗୁଁ ନାସ୍ତିକ ହୋଇଯାଇଛନ୍ତି କିନ୍ତୁ ମୋମିନ୍ (ଈଶ୍ୱର ବିଶ୍ୱାସୀ) କୌଣସି ପ୍ରକାର ନିର୍ଦ୍ଧନତା ସମୟରେ ମଧ୍ୟ ଖୁଦାଙ୍କଠାରୁ ଦୁର୍ଭାବନା ରଖେ ନାହିଁ ଓ ତାହାକୁ ନିଜର ଭୂଲର ପରିଣାମ ବୋଲି ଅଭିହିତ କରି ତାହାଠାରୁ (ଅର୍ଥାତ ଅଲ୍ଲାଃଙ୍କଠାରୁ) କରୁଣା ଓ କୃପା ପାଇବାକୁ ନିବେଦନ କରିଥାଏ । ଯେତେବେଳେ ସେହି ସମୟ ବିତିଯାଏ ଏବଂ ତା'ର ଦୁଆ ଗ୍ରହଣୀୟ ହୋଇଥାଏ, ସେତେବେଳେ ସେ ସେହି ବିନମ୍ରତା / ନିର୍ଦ୍ଧନତା ର ଦିନକୁ ଭୁଲିନଥାଏ ବରଂ ତାକୁ ମନେ ରଖିଥାଏ । ଅତଏବ୍ ଯଦି ତାକୁ ଏ ବିଶ୍ୱାସ ଅଛି ଯେ ଅଲ୍ଲାଃ ତାଲାଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧି ହେବ ତେବେ ସେ ତକ୍‌ୱା ର ମାର୍ଗକୁ ଆପଣାଇ ନେଉ । ସେ ହେଉଛି ସୌଭାଗ୍ୟବାନ ଯିଏ ସଫଳତା ମିଳିବାରେ ଓ ଖୁସି ସମୟରେ ତକ୍‌ୱାକୁ ଗ୍ରହଣ କରୁଛି ଏବଂ ଦୁର୍ଭାଗ୍ୟବାନ ହେଉଛି ସେ ଯିଏ ଧକ୍କା ଖାଇବା ପରେ ମଧ୍ୟ ତାହାଙ୍କ ପ୍ରତି ମୁଣ୍ଡପାତୁ ନାହିଁ ।

### ତକ୍‌ଦୀର୍ (ଭାଗ୍ୟ)

ତକ୍‌ଦୀର୍ ଦୁଇ ପ୍ରକାରର ହୋଇଥାଏ । ଗୋଟିଏର ନାମ **ମୁଅଲ୍ଲକ୍** ଓ ଦ୍ୱିତୀୟଟିର ନାମ ହେଉଛି **ମୁବ୍‌ରମ୍ ।** ଯଦି କୌଣସି ତକ୍‌ଦୀର୍ ମୁଅଲ୍ଲକ୍ (ବିଳମ୍ବିତ) ହୋଇଥାଏ ତେବେ ଦୁଆ ଓ ସଦ୍‌କାତ୍ (ଦାନ ପୂଣ୍ୟ) ତାକୁ ଟାଳି ଦେଇଥାନ୍ତି ଏବଂ ଅଲ୍ଲାଃ ତାଲା ନିଜର କୃପା ଦ୍ୱାରା ସେହି ତକ୍‌ଦୀର୍‌କୁ ବଦଳାଇ ଦିଏ ଏବଂ ମୁବ୍‌ରମ୍ (ଅଟଳ) ହୋଇଥିବା ଅବସ୍ଥାରେ ସେହି ସଦ୍‌କାତ୍ ଏବଂ ଦୁଆ ଉକ୍ତ ତକ୍‌ଦୀର୍ ସମ୍ବନ୍ଧରେ କିଛି ଲାଭ ପହଂଚାଇ ପାରେ ନାହିଁ । ହଁ ତାହା ବ୍ୟର୍ଥ ଓ ଅକାରଣ ମଧ୍ୟ ଯାଇନଥାଏ କାରଣ ଏହା ଅଲ୍ଲାଃଙ୍କର ଶାନ୍‌ର ବିପରତି । ସେ ସେହି ଦୁଆ ଏବଂ ସଦକାତ୍‌ର ପ୍ରଭାବ ଓ ଫଳ ଅନ୍ୟ କୌଣସି ଶୈଳୀରେ ତାକୁ ପଂହଚାଇ ଦେଇଥାଏ । ବେଳେ ବେଳେ ଏପରି ମଧ୍ୟ ହୋଇଥାଏ ଯେ ଖୁଦାତାଲା କୌଣସି ତକ୍‌ଦୀର୍‌ରେ କିଛି ସମୟ ପାଇ ବିରାମ ଓ ବିଳମ୍ବ କରିଦିଏ ।

କଜାଏ ମୁଅଲ୍ଲକ୍ (ଅର୍ଥାତ ଈଶ୍ୱରୀୟ ନିର୍ଣ୍ଣୟରେ ବିଳମ୍ବ ହେବା) ଏବଂ ମୁବ୍‌ରମ୍ (ନିଶ୍ଚିତ ଈଶ୍ୱରୀୟ ନିର୍ଣ୍ଣୟ)ର ଶ୍ରୋତର ଠିକଣା ପବିତ୍ର କୁର୍‌ଆନ୍‌ରୁ ମିଳୁଅଛି । ଯଦିଚ ଏହି ଶବ୍ଦ ବ୍ୟବହାର ହୋଇନାହିଁ । ଉଦାହରଣ ସ୍ୱରୁପ ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି । ଉଦ୍‌ଉନି ଅସ୍‌ତଜିବ୍‌ଲକୁମ୍ (ଅଲ୍‌ମୁମିନ୍ : ୬୧) ଅନୁବାଦ:- ଦୁଆ ମାଗ ମୁଁ ଗ୍ରହଣ କରିବି । ଏବେ ଏଥିରୁ ଜଣାପଡୁଛି ଯେ ଦୁଆ ଗ୍ରହଣୀୟ ହୋଇପାରେ ଏବଂ ଦୁଆ ଦ୍ୱାରା ଅଜାବ୍ (ଐଶିଦଣ୍ଡ) ଟଳିଯାଏ ଏବଂ ହଜାର ହଜାର କଣ, ସମସ୍ତ କାର୍ଯ୍ୟ ଦୁଆ ଦ୍ୱାରା ସାଧନ ହୋଇଥାଏ । ଏକଥା ମନେରଖିବା ଯୋଗ୍ୟ ଯେ ଅଲ୍ଲାଃ ତାଲାଙ୍କର ବସ୍ତୁ ଉପରେ ଅଧିକାର ରହିଛି । ସେ ଯାହା ଚାହିଁଥାଏ କରିଥାଏ । ତାହାଙ୍କ ଗୁପ୍ତ ବ୍ୟବହାର ବିଷୟରେ ଲୋକମାନେ ଜାଣିଥାଆନ୍ତୁ ଅବା ନ ଜାଣିଥାଆନ୍ତୁ କିନ୍ତୁ ଶହ ଶହ ଅନୁଭବି ମାନଙ୍କର ବ୍ୟାପକ ଅନୁଭବ ଓ ହଜାର ହଜାର ଦୁଃଖିଜନଙ୍କର ଦୁଆର ଫଳ ସ୍ପଷ୍ଟ ଭାବେ ବତାଇ ଦେଉଅଛି ଯେ ତାହାଙ୍କର ଏକ ଲୁକ୍କାୟିତ ଓ ଗୁପ୍ତ ବ୍ୟବହାର / ଚମତ୍କାର ରହିଛି । ସେ ଯାହା ଇଚ୍ଛା କରେ ଲୀନ କରିଥାଏ ଏବଂ ଯାହା ଚାହିଁଥାଂଏ ପ୍ରମାଣ କରିଥାଏ । ଆମ ପାଇଁ ଏକଥା ଜରୁରୀ ନୁହେଁ ଯେ ଆମେ ତାହାଙ୍କ ଗୁଢ଼ ରହସ୍ୟ ପର୍ଯ୍ୟନ୍ତ ପହଂଚିପାରିବା ଏବଂ ତାହାଙ୍କ ରହସ୍ୟ ଓ ଭେଦ ବିଷୟରେ ଜାଣିବାପାଇଁ ଚେଷ୍ଟା କରିପାରିବା । ଯେବେ କି ଅଲ୍ଲାଃ ତାଲା ଜାଣିଛନ୍ତି ଯେ ଗୋଟିଏ ଜିନିଷ ହେବାକୁ ଅଛି ସେଥିଯୋଗୁଁ ଆମକୁ ଝଗଡ଼ା ଓ ତର୍କ ବିତର୍କରେ ପଡ଼ିବାର ଆବଶ୍ୟକତା ନାହିଁ । ଖୁଦାତାଲା ମଣିଷର ଭାଗ୍ୟକୁ ସର୍ତାବଳୀରେ ଆଚ୍ଛାଦିତ କରିରଖିଛି, ଯାହା ତୌବାଃ, ବିନମ୍ର ଆକୁଳ ପ୍ରାର୍ଥନା ଦ୍ୱାରା ଟଳି ଯାଇପାରେ । ପ୍ରାର୍ଥନା ଦ୍ୱାରା ଟଳି ଯାଇପାରେ । ଯେତେବେଳେ ମଣିଷକୁ କୌଣସି ପ୍ରକାରର ଦୁଃଖ ଓ ବିପତି ପହଂଚିଥାଏ ସେତେବେଳେ ସେ ସ୍ୱଭାବତଃ ସତ୍‌କର୍ମ କରିବାପ୍ରତି ଆଗଭର ହୋଇଥାଏ । ନିଜ ଭିତରେ ଏକ ଦୁଃଖ ଓ ସନ୍ତାପ ଅନୁଭବ କରିଥାଏ, ଯାହା ତାକୁ ଜଗାଇରଖେ ଓ ପୂଣ୍ୟକର୍ମ ପ୍ରତି ଟାଣି ନେଇଯାଏ ଓ ପାପରୁ ଦୂରେଇ ଦେଇଥାଏ । ଯେଉଁଭଳି ଆମେମାନେ ଔଷଧର ପ୍ରଭାବକୁ ଅଭିଜ୍ଞତା ଦ୍ୱାରା ଜାଣିପାରିଥାଉଁ ସେହିପରି ଜଣେ ବ୍ୟାକୁଳିତ ମଣିଷ ଯେତେବେଳେ ଖୁଦାତାଲାଙ୍କ ଆସ୍ଥାନରେ ଅତ୍ୟନ୍ତ ବିନମ୍ରତାର ସହିତ ଓ ଦୀନ ହୀନତାର ସହିତ ପଡ଼ିରହିଥାଏ ଏବଂ ରବ୍‌ବି ରବ୍‌ବି (ହେ ମୋର ପାଳନକର୍ତା) କହି ତାକୁ ଡ଼ାକିଥାଏ ଓ ପ୍ରାର୍ଥନା କରିଥାଏ ସେତେବେଳେ ସେ ସ୍ୱପ୍ନ ଆକାରରେ ବା ସଠିକ୍ ଏଲ୍‌ହାମ୍ (ଐଶିବାଣୀ) ଜରିଆରେ ଏକ ସୁସମାଚାର ଓ ସାନ୍ତ୍ୱନା ପାଇଥାଏ । ହଜ୍‌ରତ୍ ଅଲୀ କରମୁଲ୍ଲାଃ ୱଜ୍‌ହହୁ କହୁଛନ୍ତି ଯେ: ଯେତେବେଳେ ଧୈର୍ଯ୍ୟ ଏବଂ ସତ୍ୟତାର ସହିତ କରାଯାଇଥିବା ଦୁଆ ତା'ର ଶେଷ ସୀମାରେ ପହଂଚିଯିବ ସେତେବେଳେ ତାହା କୁବୁଲ୍ (ଗ୍ରହଣୀୟ) ହୋଇଯାଇଥାଏ । ଦୁଆ, ସଦ୍‌କା ଏବଂ ଖୈରାତ୍ (ଦାନପୂଣ୍ୟ) ଦ୍ୱାରା ଅଜାବ ଟଳିଯିବା ହେଉଛି ଏପରି ପ୍ରାମାଣିକ ସତ୍ୟତା ଯାହା ଉପରେ ଏକ ଲକ୍ଷ ଚବିଶି ହଜାର ନବି ସହମତ ଏବଂ କୋଟି କୋଟି ପୂଣ୍ୟବନ୍ତ, ଧର୍ମପରାୟଣ ବ୍ୟକ୍ତି ଏବଂ ଅଓଲିୟାଅଲ୍ଲାଃ (ଅଲ୍ଲାଃଙ୍କ ବନ୍ଧୁ ଅର୍ଥାତ ମୁନିରଷିଗଣ)ଙ୍କ ନିଜସ୍ୱ ଅଭିଜ୍ଞତା ଏ କଥା ଉପରେ ସାକ୍ଷୀ ଅଛନ୍ତି ।

### ଉପାସନାରେ ଆସ୍ୱାଦନା ଓ ମଜା ରଖାଯାଇଅଛି

ନମାଜ କଣ ? ଏହା ଏକ ବିଶେଷ ଦୁଆ କିନ୍ତୁ ଲୋକମାନେ ଏହାକୁ ସମ୍ରାଟମାନଙ୍କ ଟ୍ୟାକ୍ସ ଭାବୁଛନ୍ତି । ଅବୋଧମାନେ ଏତିକି ଜାଣୁନାହାନ୍ତି ଯେ ଖୁଦାତାଲାଙ୍କୁ ଏହାର ଭଲା କଣ ଆବଶ୍ୟକତା ଅଛି ଏବଂ ତାହାଙ୍କ ସ୍ୱୟଂ ପ୍ରଯ୍ୟାପ୍ତ ଅସ୍ତିତ୍ୱକୁ ଏହାର କଣ ଆବଶ୍ୟକ ରହିଛି ଯେ ମଣିଷ ଦୁଆ, ତସ୍‌ବିହ୍ (ଅଲ୍ଲାଃଙ୍କ ନାମ ଉଚ୍ଚାରଣ କରିବା) ଏବଂ ତହ୍‌ଲିଲ୍ (ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ସ୍ୱରଣ କରିବା)ରେ ମଗ୍ନ ହେବ । ବରଂ ଏଥିରେ ମଣିଷର ନିଜର ଲାଭ ରହିଛି ଯେ ସେ ଏହି ମାର୍ଗକୁ ଅବଲମ୍ବନ କରି ନିଜର ଉଦ୍ଦେଶ୍ୟକୁ ପାଇଯାଇଥାଏ । ମତେ ଏହା ଦେଖି ବହୁତ ଦୁଃଖ ଲାଗୁଛି ଯେ ଆଜିକାଲି ଉପାସନା, ଧର୍ମପରାୟଣତା ଏବଂ ଧର୍ମଆଚରଣ କରିବା ସହିତ ପ୍ରେମଭାବ ନାହିଁ । ଏହାର ଗୋଟିଏ କାରଣ ହେଉଛି ପ୍ରଥାର ବିଷ ପ୍ରଭାବ । ଏଥିଯୋଗୁଁ ଅଲ୍ଲାଃ ତାଲାଙ୍କ ସହିତ ପ୍ରେମଭାବ ଶୀତଳ ହୋଇଯାଉଛି । ଏବଂ ଉପାସନାରେ ଯେଉଁ ପ୍ରକାରର ମଜା ଆସିବ କଥା ସେହି ମଜା ଆସୁନାହିଁ । ଦୁନିଆରେ ଏପରି କୌଣସି ବସ୍ତୁନାହିଁ ଯାହା ମଧ୍ୟରେ ଅଲ୍ଲାଃ ତାଲା ମଜା ଓ ଏକ ବିଶେଷ ରସ ନ ରଖିଥିବେ । ଯେଉଁଭଳି ଜଣେ ରୋଗୀ ଉତମରୁ ଉତମ ସ୍ୱାଦ ରଖିଥିବା ବସ୍ତୁରୁ ମଜା ଉଠାଇପାରେ ନାହିଁ ଓ ସେଥିରୁ ସେ ପିତା ବା ବିଲ୍‌କୁଲ୍ ଫିକା ଅନୁଭବ କରିଥାଏ ସେହିପରି ଯେଉଁ ଲୋକମାନେ ଅଲ୍ଲାଃଙ୍କ ଉପାସନାରେ ମଜା ପାଉନାହାନ୍ତି, ସେମାନଙ୍କୁ ନିଜର ବିମାରି (ରୋଗ) ବିଷୟରେ ଚିନ୍ତା କରିବା ଉଚିତ । କାରଣ ଯେମିତିକି ମୁଁ ଏବେ କହିସାରିଛି ଯେ ଦୁନିଆରେ ଏମିତି କୌଣସି ବସ୍ତୁନାହିଁ ଯେଉଁଥିରେ ଖୁଦାତାଲା କୌଣସି ନା କୌଣସି ମଜା ରଖିନଥିବେ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୩୬-୧୩୯ ପ୍ରକାଶନ୨୦୧୮ କାଦିୟାନ)*

## ମୁଁ ଏହି ଅବସରରେ ଆପଣମାନଙ୍କୁ ଦେଶପ୍ରେମ ଓ ଦେଶ ସିହତ ଭକ୍ତିଭାବ ରଖିବା ପାଇଁ ଉପଦେଶ ଦେଉଅଛି ।

**ପରିସ୍ଥିତି ଯେମିତି ମଧ୍ୟ ଥାଉ, ଆପଣମାନଙ୍କୁ ଦେଶପ୍ରେମଭାବ ଦେଖାଇବା ଉଚିତ ଓ ନିଜ ଦେଶର ବିକାଶ ଓ ଉନ୍ନତି ନିମନ୍ତେ ପ୍ରାର୍ଥନା କରିବା ଉଚିତ ।**

**ଆଁ ହଜ୍‌ରତ୍ ସ:ଆ:ସ ସ୍ପଷ୍ଟ ଭାବେ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ଦେଶପ୍ରେମ ହେଉଛି ଜଣେ ପ୍ରକୃତ ମୁସଲମାନର ଇମାନ୍‌ର ଅଂଶବିଶେଷ ।**

**ତେଣୁ ଆପଣ ସମସ୍ତଙ୍କର ଏ କର୍ତବ୍ୟ ଯେ ନିଜକୁ ସମାଜ ପାଇଁ ସକାରାତ୍ମକ ଓ ଜନହିତକାରୀ ବନାନ୍ତୁ ।**

**ଦେଶ ଓ ଜାତିର ସେବା ଏବଂ ତାହାର ଆଇନ୍ କାନୁନ୍‌କୁ ମାନିବାର ଉତମ ଆଦର୍ଶ ହୁଅନ୍ତୁ । ଆପଣମାନଙ୍କ ଦ୍ୱାରା ଏପରି କୌଣସି କାର୍ଯ୍ୟ ନ ହେଉ ଯାହା ଦେଶ ସମ୍ମାନ ଓ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରୁଥିବ ।**

**ଖିଲାଫତ୍ ସିହତ ଯୋଡ଼ି ହୋଇରହିବା ବହୁତ ଜରୁରୀ ଅଟେ । ଏହା ଅଲ୍ଲାଃ ତାଲାଙ୍କର ଆମ ସମସ୍ତଙ୍କ ଉପରେ ବହୁତ ବଡ଼ ଅନୁଗ୍ରହ ଯେ ଆମ ମଧ୍ୟରେ ଖିଲାଫତ୍‌ର ନିଜାମ (ବ୍ୟବସ୍ଥା) କାଏମ୍ ଅଛି । ଅତଏବ୍ ଅଲ୍ଲାଃ ତାଲାଙ୍କ ସାନ୍ନିଧ ଲାଭ କରିବା ପାଇଁ ଏବଂ ଧର୍ମ ଓ ସଂସାରରେ ସୌନ୍ଦର୍ଯ୍ୟରୁ ଭାଗ ପାଇବାପାଇଁ ସର୍ବଦା ଖିଲାଫତ୍ ସହିତ ଯୋଡ଼ି ହୋଇ ରହନ୍ତୁ ।**

**ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ମୟ୍‌ଲିସ୍ ଶୁରା ଭାରତ ସ୍ଥାନ କାଦିଆନ୍ ଦାରୁଲ୍ ଅମାନ୍ ଅନୁଷ୍ଠିତ ୨୮,୨୯ ଫେବୃୟାରୀ, ୧ ମାର୍ଚ୍ଚ ୨୦୨୦ ଅବସରରେ ପ୍ରଦାନ କରିଥିବା ବିଶେଷ *ବାର୍ତା***

**ମୟ୍‌ଲିସ୍ ଶୁରା ଭାରତର ପ୍ରତିନିଧିଗଣ !**

**ଅସ୍‌ସଲାମୋ ଆଲୈକୁମ୍ ୱ୍ ରହ୍‌ମତୁଲ୍ଲାହି ୱ୍ ବର୍‌କାତୁହୁ ।**

ଅଲ୍‌ହମ୍‌ଦୁଲିଲ୍ଲାଃ ଆପଣମାନଙ୍କୁ ନିଜର ମୟ୍‌ଲିସ୍ ଶୁରା ଅନୁଷ୍ଠିତ କରିବାପାଇଁ ସୌଭାଗ୍ୟ ମିଳୁଅଛି, ଅଲ୍ଲାଃ ତାଲା ଏହାକୁ ପ୍ରତି କ୍ଷେତ୍ରରୁ ସଫଳ ଓ ବାବର୍‌କତ୍ କରନ୍ତୁ । ଆମୀନ୍ ।

ଏହି ଅବସରରେ ମୋଠାରୁ ବାର୍ତା ପାଇବାପାଇଁ ନିବେଦନ କରାଯାଇଅଛି । ମୁଁ ଏ ଅବସରରେ ଆପଣମାନଙ୍କୁ ଦେଶ ସହିତ ପ୍ରେମ କରିବା, ଭକ୍ତି କରିବା, ଖିଲାଫତ୍ ସହିତ ଜଡ଼ିତ ରହିବା ଏବଂ ଖଲିଫାଙ୍କ ପ୍ରତ୍ୟେକ ଉପଦେଶକୁ ଲୋକମାନଙ୍କ ନିକଟରେ ପହଂଚାଇବା ପାଇଁ ଉପଦେଶ ଦେବାକୁ ଚାହୁଁଛି ।

ଆଜିକାଲି ଦୁନିଆର ଚାରିଆଡ଼େ ଅଶାନ୍ତି ଓ ଅସ୍ଥିତରା ଲାଗିରହିଛି । କୌଣସି ଦେଶ ଓ କୌଣସି ଇଲାକା ଏଥିରୁ ସୁରକ୍ଷିତ ନାହିଁ । କେଉଁଠି ଅଶାନ୍ତ ବାତାବରଣ ରହିଛି ତ କେଉଁଠି ଗରୀବି ଓ ଦରିଦ୍ରତା । କେଉଁଠି ସମାରେ ଗୋଷ୍ଠିବାଦ ଓ ବଂଶବାଦ ନାମରେ ଅତ୍ୟାଚାର ହେଉଛି ତ କେଉଁଠି ଧର୍ମ ନାମରେ ମଧ୍ୟ କଳହ ଓ ଆପତି ଅଭିଯୋଗ ଲାଗି ରହିଛି । କିନ୍ତୁ ପରିସ୍ଥିତି ଯାହା ବି କିଛି ହେଉ ଆପଣମାନଙ୍କୁ ଦେଶପ୍ରେମଭାବ ପ୍ରଦର୍ଶନ କରବା ଉଚିତ ଓ ନିଜ ଦେଶର ବିକାଶ  ଓ ଉନ୍ନତି ନିମନ୍ତେ ଦୁଆ କରିବା ଉଚିତ । ଆଁ ହଜ୍‌ରତ୍ ସ:ଆ:ସ ସ୍ପଷ୍ଟଭାବେ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ଦେଶକୁ ଭଲ ପାଇ୍ବା ହେଉଛି ଜଣେ ବାସ୍ତବିକ ମୁସଲମାନର ଇମାନ୍‌ର ଅଂଶବିଶେଷ । ଅଲ୍ଲାଃ ତାଲାଙ୍କ କୃପାରୁ ସାରା ଦୁନିଆରେ ବସବାସ କରୁଥିବା ଅହେମଦମାନେ ନିଜ ନିଜର ଦେଶ ଓ ଦେଶବାସୀମାନଙ୍କ ସହିତ ପ୍ରେମ କରୁଛନ୍ତି ଏବଂ ଶାନ୍ତିପ୍ରୀୟ ନାଗରୀକ ରୂପେ ଜୀବନ ଅତିବାହିତ କରୁଛନ୍ତି । ଏହା ମଧ୍ୟ ଆପଣମାନଙ୍କର ଲକ୍ଷ୍ୟ ହେବା ଉଚିତ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଯମାତ୍‌କୁ ପ୍ରତ୍ୟେକ ପ୍ରକାର ବିଭ୍ରାଟ ଓ ଦୁଷ୍ଟାମିରୁ ନିବୃତ ରହିବା ପାଇଁ ଶିକ୍ଷା ଦେଇଛନ୍ତି । ମଲ୍‌ଫୁଜାତ୍‌ରେ ଗୋଟିଏ ଘଟଣା ଦରଜ ରହିଛି ଯେ ଏକଦା କଲେଜ୍‌ରେ, ୟୁନିଭରସିଟିରେ ଗୋଟିଏ ହଡ଼ତାଲ ହେଲା । ଏ ସମ୍ବନ୍ଧରେ ଆପଣ ଆ:ସ କହିଲେ ଯେତେବେଳେ ଛାତ୍ରମାନେ ଲାହୋରଠାରେ ନିଜ ପ୍ରଫେସରଙ୍କ ବିରୋଧରେ ଷ୍ଟ୍ରାଇକ କରିଥିଲେ, ସେତେବେଳେ ଆମ ଯମାତ୍‌ର ଯେଉଁ ଛାତ୍ରମାନେ ସେଥିରେ ସାମିଲ ଥିଲେ, ସେମାନଙ୍କୁ ମୁଁ ନିର୍ଦ୍ଦେଶ ଦେଇଥିଲି ଯେ ସେମାନେ ଏହି ବିରୋଧ ପ୍ରଦର୍ଶନରେ ସାମିଲ ନ ହୁଅନ୍ତୁ ଏବଂନିଜ ଶିକ୍ଷକମାନଙ୍କଠାରୁ କ୍ଷମା ପ୍ରାର୍ଥନା କରି ଯଥାଶିଘ୍ର କଲେଜରେ ପ୍ରବେଶ କରନ୍ତୁ । ସୁତରାଂ ସେମାନେ ମୋ ନିର୍ଦ୍ଦେଶକୁ ପାଳନ କଲେ ଓ ନିଜ କଲେଜ୍‌ରେ ପ୍ରବେଶ କରି ଏପରି ଏକ ପୂଣ୍ୟ ଉଦାହାରଣ ସୃଷ୍ଟି କଲେ ଯେ ଅନ୍ୟ ଛାତ୍ରମାନେ ମଧ୍ୟ ତତ୍‌କ୍ଷଣାତ୍ ପ୍ରବେଶ କରିଗଲେ । *(ମଲ୍‌ଫୁଜାତ ଖଣ୍ଡ-୫, ପୃ-୧୭୨-୧୭୩)*

ତେଣୁ ଜଣେ ଅହେମଦୀକୁ ପ୍ରତି କ୍ଷେତ୍ରରେ ଫିତ୍‌ନା ୱ୍ ଫସାଦ (ବିଭ୍ରାଟ ଓ ଉପଦ୍ରବ)ଠାରୁ ଦୁରେଇ ରହିବା ଉଚିତ ଏବଂ ଦେଶପ୍ରେମର ଉତମ ନମୁନା ଉପସ୍ଥାପନ କରିବା ଉଚିତ । ଯେଉଁ ଲୋକମାନେ ଆମ ଯମାତ୍ ସହିତ ସୁସର୍ମ୍ପକ ରଖିଛନ୍ତି, ସେମାନେ ଜାଣିଛନ୍ତି ଯେ ଆମଠାରୁ ବଳି ଦେଶଭକ୍ତ ନାଗରୀକ କିଏ ହୋଇପାରେ । ଯାହାଙ୍କୁ ବାରମ୍ବାର ଦେଶ ସେବା ପାଇଁ ପ୍ରବର୍ତା ଯାଉଅଛି ଏବଂ ଯାହାଙ୍କଠାରୁ ବାରମ୍ବାର ଏ ପ୍ରତିଜ୍ଞା ନିଆ ଯାଉଅଛି ଯେ ସେମାନେ ନିଜର ବିଶ୍ୱାସ ଦେଶ ଏବଂ ଜାତି ଉଦ୍ଦେଶ୍ୟରେ ପ୍ରତ୍ୟେକ ପ୍ରକାରର କୁର୍‌ବାନୀ (ବଳିଦାନ) ଦେଶ ପାଇଁ ସର୍ବଦା ପ୍ରସ୍ତୁତ ରହିବେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପବିତ୍ର କୁର୍‌ଆନ୍ ଓ ହଦିସର ଆଲୋକରେ ନିଜ ପ୍ରୀୟ ଯମାତ୍‌କୁ ପ୍ରଚଳିତ ସରକାରଙ୍କ ଆଜ୍ଞାନୁବର୍ତିତା ହେବାପାଇଁ ଓ ନିଷ୍ଠଭାବ ଦେଖାଇବା ପାଇଁ ଶିକ୍ଷା ଦେଇଛନ୍ତି । ତେଣୁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏ କର୍ତବ୍ୟ ଯେ ସେ ନିଜକୁ ସମାଜପାଇଁ ସ୍ୱୀକାରତତ୍ମକ ଓ ଜନହିତାକରୀ ଅସ୍ତିତ୍ୱ ବନାଉ । ଦେଶ ଓ ଜାତିର ସେବା ଏବଂ ତାହାର ନିୟମ କାନୁନ୍ ପାଳନ କରିବାରେ ଉତମ ଉଦାହରଣ ସୃଷ୍ଟି କରୁ । ଆପଣମାନଙ୍କ ଦ୍ୱାରା ଏପରି କୌଣସି କାର୍ଯ୍ୟ ନ ହେଉ ଯାହା ଦେଶ ସମ୍ମାନ ଓ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରୁଥିବ ।

ଏହା ପୁଣି ଖିଲାଫତ ସହିତ ଯୋଡ଼ିହୋଇ ରହିବା ଜରୁରୀ ଅଟେ । ଏହା ଅଲ୍ଲାଃ ତାଲାଙ୍କର ଆମସମସ୍ତଙ୍କ ଉପରେ ବହୁତ ବଡ଼ ଅନୁଗ୍ରହ ଯେ ଆମ ମଧ୍ୟରେ ଖିଲାଫତ୍ ନିଜାମ୍ କାଏମ୍ ରହିଛି । ଏକ ମଜବୁଦ୍ କଡ଼ା ଆପଣମାନଙ୍କ ହାତରେ ଯାହା ଭାଙ୍ଗିବା ଅସମ୍ଭବ । କିନ୍ତୁ ମନେରଖ ଯେ ଏହି କଡ଼ା ତ ଭାଙ୍ଗିବାବାଲା ନୁହେଁ କିନ୍ତୁ ଯଦି ଆପଣ ନିଜ ହାତକୁ ଟିକିଏ ଢ଼ିଲା କରିଦେବେ ତେବେ ଆପଣଙ୍କର ଭାଙ୍ଗିଯିବାର ଆଶଙ୍କା ସୃଷ୍ଟି ହୋଇପାରେ । ଅଲ୍ଲାଃ ତାଲା ପ୍ରତ୍ୟେକଙ୍କୁ ଏ/ଥିରୁ ବଂଚାନ୍ତୁ । ତେଣୁ ଏହି ନିର୍ଦ୍ଦେଶକୁ ସର୍ବଦା ମନେରଖନ୍ତୁ ଯେ

*ଅବଶିଷ୍ଟାଂଶ ପୃଷ୍ଠା-୦୯ ରେ ଦେଖନ୍ତୁ...*

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ  ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

***(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)***

# : ଖୁତ୍‌ବା ଜୁମା :

''ଆମ ଯମାତ୍‌ର ପ୍ରାଥମିକ କର୍ତବ୍ୟ ହେଉଛି ଏହା କି ସେ ଅଲ୍ଲାଃ ତାଲାଙ୍କ ଉପରେ ସତ୍ ବିଶ୍ୱାସ ହାସଲ କରନ୍ତୁ''

ଅସଲ ଇମାନ୍ ଏବଂ ତକ୍‌ୱା ହେଉଛି ଏହା କି ଅଲ୍ଲାଃ ତାଲାଙ୍କ ସହିତ କରାଯାଇଥିବା ପ୍ରତିଜ୍ଞାକୁ ପୂରଣ କର ଏବଂ ତାହାର ଗଭୀକରୁ ଯାଇ ପୂରଣ କର ଏବଂ ସେହିପରି ତାହାର ଅମାନତର ହକ୍ ମଧ୍ୟ ପ୍ରଦାନ କର ।

ତକ୍‌ୱା ହାସଲ କର କାରଣ ତକ୍‌ୱା ପରେ ହିଁ ଖୁଦାତାଲାଙ୍କ ବର୍‌କତ୍ (ଆର୍ଶୀବାଦ) ମିଳିଥାଏ ।

ପୂଣ୍ୟବାନ ହୁଅ, ପୂଣ୍ୟ ଆଚରଣ କର ଲୋକଙ୍କ ହିତ କର, ନିଜର ଆବେଗକୁ ନିୟନ୍ତ୍ରଣ କର, ବିନମ୍ରୀ ହୁଅ ।
କହିଲେ: ଏହାଦ୍ୱାରା ଲୋକମାନେ ଚମତ୍କାର ରୂପେ ପ୍ରଭାବିତ ହେବେ ।
ଏହା ମଧ୍ୟ ତବ୍‌ଲିଗ୍ କରିବାର ଏକ ମାଧ୍ୟମ ।

ପବିତ୍ର କୁର୍‌ଆନ୍‌ର ସ୍ୱଷ୍ଟ ନିର୍ଦ୍ଦେଶ ଯେ ଯଦି ବେମାର ଅଛ ତେବେ ରୋଜା ରଖନାହିଁ, ବେମାର ହୋଇଯିବା ଆଶଙ୍କାରେ ରୋଜା ଛାଡ଼ିବା ଭୁଲ କଥା ।

ନିଜର ଅବସ୍ଥାକୁ ଓ ସ୍ୱାସ୍ଥ୍ୟକୁ ଦେଖି ନିଜ ମନରୁ ଫତ୍‌ୱା ନେଇ ରୋଜା ରଖିବାର ନିଷ୍ପତି କରିବାକୁ ଉପଦେଶ ।

ରୋଜ ରଖିବାକୁ ସାମର୍ଥ୍ୟ ପାଇବା ପାଇଁ ଏବଂ ଏହି ମହାମାରୀରୁ ମୁକ୍ତି ପାଇବାପାଇଁ ଦୁଆ କରିବାକୁ ଉପଦେଶ ।

ବର୍ତମାନ ପୃଥିବୀରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ଯୋଗୁଁ ଯୁଦ୍ଧ ହେବାର ବିପଦ ପ୍ରତି ଚିନ୍ତା ବ୍ୟକ୍ତ

''ଅଲ୍ଲାଃ ତାଲା ଆମମାନଙ୍କୁ ଦୁଆ କରିବାକୁ ଶକ୍ତି ଦିଅନ୍ତୁ । ନିଜର ଅବସ୍ଥାକୁ ସୁଧାରିବାକୁ ଶକ୍ତି ଦିଅନ୍ତୁ ଓ ପୃଥିବୀବାସୀଙ୍କୁ ମଧ । ପୃଥିବୀର ବଡ଼ ବଡ଼ ରାଷ୍ଟ୍ରମାନଙ୍କୁ ବୁଦ୍ଧିମତାର ସହିତ ନିଜର ପଲିସି ବନାଇବା ପାଇଁ ଓ ଆସନ୍ତାର ଯୋଜନା ପ୍ରସ୍ତୁତ କରିବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।''

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍ତ: ୨୪ ଏପ୍ରିଲ୍ ୨୦୨୦ ଅନୁଯାୟୀ ୨୪ ଶାହାଦତ୍ ୧୩୯୯ ହିଜ୍‌ରି ଶମ୍‌ସି)

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଏହି ଆୟତଗୁଡ଼ିକର ଅନୁବାଦ ହେଉଛି ଏପରି ହେ ବିଶ୍ୱାସକାରୀମାନେ ତୁମମାନଙ୍କ ପାଇଁ ରୋଜା ରଖିବା ମଧ୍ୟ ସେହିପରି ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ସକାଶେ ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ ଆଧାତ୍ମିକ, ନୈତିକ ଦୁର୍ବଳତା ଜନିତ ତ୍ରୁଟିରୁ ରକ୍ଷା ପାଇବ ।

ସୁତରାଂ ତୁମେମାନେ ରୋଜା ରଖ କେତେକ ନିର୍ଦ୍ଦିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତେବେ ତାହାକୁ ଅନ୍ୟ ଦିନମାନଙ୍କରେ ସେହି ନିର୍ଦ୍ଦିଷ୍ଟ ସଂଖ୍ୟା ପୁରଣ କରିବାକୁ ହେବ ଏବଂ ଯେଉଁମାନେ ଏହା ଅର୍ଥାତ କ୍ଷତିପୂରଣ ଦେବାକୁ ସମର୍ଥ ସେମାନେ କ୍ଷତିପୁରଣ ସ୍ୱରୁପ ଜଣେ ଲେଖାଏଁ ଦରିଦ୍ର ଲୋକମାନଙ୍କୁ ଖାଇବାକୁ ଦେବା ବିଧେୟ । ଯେଉଁ ବ୍ୟକ୍ତି ସମ୍ପୁର୍ଣ୍ଣ ଆଜ୍ଞାପାଳନ କରି କୌଣସି ପୂଣ୍ୟ କାର୍ଯ୍ୟ କରିବ ଏହା ତା ପକ୍ଷରେ ଉତ୍କୃଷ୍ଟ ହେବ ଏବଂ ଯଦି ତୁମେ ଜାଣିଥାଅ ତେବେ ବୁଝିପାରିବ ଯେ ରୋଜା ରଖିବା ତୁମମାନଙ୍କ ପକ୍ଷରେ ଉତ୍କୃଷ୍ଟତର ।

ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୋରାନ୍ ଅବତୀର୍ଣ୍ଣ ହୋଇଅଛି ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥରୂପେ ପ୍ରେରିତ ହୋଇଅଛି ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣ ମାନ ରହିଛି । ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ ପବିତ୍ର କୋରାନ୍‌ରେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶମାନ ମଧ୍ୟ ରହିଅଛି । ସୁତରାଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ ପିଡ଼ୀତ ବା ଯାତ୍ରୀ ନ ଥାଏ ଗୃହରେ ଉପସ୍ଥିତ ଥିବ ତା ପାଇଁ ସେହି ମାସରେ ରୋଜା ରଖିବା ଉଚିତ ଏବଂ ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ ବା ଯାତ୍ରା କରୁଥାଏ ତାହାକୁ ଅନ୍ୟାନ୍ୟ ଦିନରେ ଏହି ସଂଖ୍ୟା ପୁରଣ କରିବାକୁ ହେବ । ଅଲ୍ଲାଃ ତୁମମାନଙ୍କ ସକାଶେ ସହଜତା ଇଚ୍ଛା କରନ୍ତି ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ ଏବଂ ତୁମେମାନେ କଠିନତାରୁ ରକ୍ଷା ପାଇବା ପାଇଁ ସେ ହିଁ ଆଦେଶ ଦେଇଛନ୍ତି । ଯଦ୍ୱାରା ତୁମେମାନେ ନିର୍ଦ୍ଦିଷ୍ଟ ସଂଖ୍ୟା ପୁରଣ କରିପାରିବ ଏବଂ ଅଲ୍ଲାଃ ତୁମମାନଙ୍କୁ ସତ୍‌ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର ଫଳରେ ତୁମେମାନେ ତାଙ୍କଠାରୁ କୃତଜ୍ଞ ହେବ ।

ଅଲ୍ଲାଃଙ୍କ କୃପାରୁ ଆସନ୍ତା କାଲିଠାରୁ ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ ହେଉଅଛି, ଅଲ୍ଲାଃ ତାଲା ରମ୍‌ଜାନ୍‌ର ରୋଜା ଆମ ଆଧାତ୍ମିକ ଉନ୍ନତି ନିମନ୍ତେ ରଖୁଛନ୍ତି । ଉପରେ ମୁଁ ପବିତ୍ର କୋରାନ୍‌ର ଯେଉଁ ପ୍ରଥମ ପଂକ୍ତି ପାଠ କରିଆସିଲି, ସେଥିରେ ଏହି କଥା ଦର୍ଶାଯାଇଛି କି ରୋଜା ତୁମମାନଙ୍କ ଉପରେ ଏଥିପାଇଁ ଧାର୍ଯ୍ୟ କରାଯାଇଛି ଯଦ୍ୱାରା ତୁମେ ଧର୍ମ ପରାୟଣ ହେବ ଏବଂ ଧର୍ମପରାୟଣ କଣ ଏହା ସ୍ୱଷ୍ଟିକରଣ କରି ଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଧର୍ମ ପରାୟଣତା ହେଉଛି ଏହା କି ମନୁଷ୍ୟ ଖୁଦାଙ୍କର ସମସ୍ତ ଅମାନତ୍ ଏବଂ ବିଶ୍ୱାସର ଶପଥ ଏବଂ ସେହିପରି ସୃଷ୍ଟିର ସମସ୍ତ ଅମାନତ୍ ଓ ଶପଥକୁ ଯଥା ସମ୍ଭବ ନିର୍ବାହ କରିବ ଅର୍ଥାତ ସେଗୁଡ଼ିକର ସୂକ୍ଷ୍ମାତିସୂକ୍ଷ୍ମ ଶାଖାଗୁଡ଼ିକର ନିର୍ବାହ କରିବାରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବ । ***(ଜମିମା ବରାହୀନେ ଅହେମଦୀୟା ପଂଚମ ଭାଗ, ରୁହାନୀ ଖଜାଇନ୍ ଖଣ୍ଡ-୨୧, ପୃ-୨୧୦)***

ତେବେ ମାନବ ନିଜ ପଣର ସୂକ୍ଷ୍ମାତିସୂକ୍ଷ୍ମ ଶାଖାଗୁଡ଼ିକୁ ନିଜ ସମ୍ମୁଖରେ ରଖି ତାହାର ସମ୍ପାଦନ କରିବାରେ ନିଜକୁ ପ୍ରତିବଧ କରିନେଉ ସୁତରାଂ ଏହା କୌଣସି ସାଧାରଣ କାର୍ଯ୍ୟ ନୁହେଁ ପ୍ରଭୁ ଓ ତାଙ୍କ ସୃଷ୍ଟିର କର୍ତବ୍ୟ କଣ କଣ ?  ତାହାର ଯଦି ଜଣେ ସୁଚୀପତ୍ର ପ୍ରସ୍ତୁତ କରେ ତେବେ ମଣିଷ ମୁଣ୍ଡରେ ହାତ ଦେବ । ଆମେ ତ କେବଳ ଅଲ୍ଲାଃ ତାଲାଙ୍କର କର୍ତବ୍ୟ ସମ୍ପାଦନ କରିପାରୁନାହେଁ । ଆମ୍ଭମାନଙ୍କର ଉପରେ ପ୍ରଭୁଙ୍କ ଯେତେ ଦୟା ଓ ଅନୁକମ୍ପା ରହିଛି କେବଳ ସେଗୁଡ଼ିକର ଆମେ ଉପରେ ଏଭଳି କର୍ତବ୍ୟ ନ୍ୟସ୍ତ ହେଉଛି କି ଆମେ ତାଙ୍କ କୃତଜ୍ଞ ଭକ୍ତମାନଙ୍କ ମଧ୍ୟରେ ସାମିଲ ହେବା ଉଚିତ । କିନ୍ତୁ ତାହା ମଧ୍ୟ ଆମେ ସମ୍ପୁର୍ଣ୍ଣ କରିପାରୁନାହେଁ ନା କରିପାରିବା ଏତଦ୍‌ବ୍ୟତିତ ଲୋକେ ପ୍ରଭୁଙ୍କ ପ୍ରଦତ ବିଭୁତିରୁ ଉପକୃତ ହୋଇଚାଲିଛନ୍ତି ଯେପରି କି ତାହା ସେମାନଙ୍କର ଅଧିକାର ଯେତେବେଳେ କି ବାସ୍ତବରେ ତାହା ଅଲ୍ଲାଃଙ୍କର ଦୟା ଯାହା ଆମ ଅବସ୍ଥା ଓ ଅକୃତଜ୍ଞତା ସତ୍ୱେ ସେ ଆମକୁ ପ୍ରଦାନ କରିଚାଲିଛନ୍ତି । ଆମେ ଅଲ୍ଲାଃଙ୍କ ନିକଟରେ କରିଥିବା ନିଜ ପଣକୁ ସମ୍ପନ୍ନ କରୁନାହେଁ । ସୃଷ୍ଟିର କର୍ତବ୍ୟ ସମ୍ପାଦନ କରୁନାହେଁ, ପିତାମାତା ଓ ଗୁରୁଜନଙ୍କ କର୍ତବ୍ୟ ସମ୍ପାଦନ କରୁନାହେଁ, ପଡ଼ୋଶୀ ଓ ଯାତ୍ରୀମାନଙ୍କ କର୍ତବ୍ୟ ସମ୍ପାଦନ କରୁନାହେଁ, ନିଜ ସମାଜର ସାମାନ୍ୟ ତମ କର୍ତବ୍ୟ ମଧ୍ୟ ସମ୍ପାଦନ କରୁନାହେଁ । ଅତଏବ ଯଦି ଆମେ ନିରିକ୍ଷଣ ଓ ଅନୁଧ୍ୟାନ କରିବା ତେବେ ଜାଣିପାରିବା ଯେ ନା ଆମେ ପ୍ରଭୁଙ୍କର ଓ ନା ସୃଷ୍ଟିର, କୌଣସି ଗୋଟିକର କର୍ତବ୍ୟ ସମ୍ପାଦନ କରିପାରିଛେ । ମୁଁ ଗୋଟିଏ ସାଧାରଣ ତାଲିକା ପ୍ରସ୍ତୁତ କରିଥିଲି ଯେଉଁଥିରେ କେତେକ ବଡ଼ ବଡ଼ କର୍ତବ୍ୟମାନ ଦରଜ କରିଥିଲି । ସୃଷ୍ଟି ଓ

ସ୍ରଷ୍ଟାର, ତାହା ମଧ୍ୟ ପାଖାପାଖି ୨୮ କିମ୍ବା ୨୯ ଗୋଟି କର୍ତବ୍ୟ ଥିଲା । ସେ ଯାହା ହେଉ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ପ୍ରକୃତ ଇମାନ୍ ଏହି କି ଯେ, ତକୱ୍ୱା ପାଇଁ ଅପରିହାର୍ଯ୍ୟ କି ଅଲ୍ଲାଃଙ୍କ ସହ କରିଥିବା ପ୍ରତିଜ୍ଞା ପୂରଣ କର ଏବଂ ଛୋଟ ଛୋଟ ନିର୍ଦ୍ଦେଶ ଓ ଅମାନତ୍‌ର କର୍ତବ୍ୟ ମଧ୍ୟ ସର୍ବନିମ୍ନ ସ୍ତରରେ ଯାଇ ସମ୍ପାଦନ କର । ଏହିପରି ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବା ତଥା ଅମାନତର କର୍ତବ୍ୟ ସମ୍ପନ୍ନ ପ୍ରତି ଓ ଉଦ୍‌ବେଗ ମସ୍ତିଷ୍କରେ ଜୀବିତ ରହିଲେ କୁହାଯାଇପାରିବ କି ଏହା ଧର୍ମ ପରାୟଣ ଅଟେ । ଅଲ୍ଲାଃ ତାଲା କୁହନ୍ତି ରମ୍‌ଜାନ୍ ମାସ ଏଥିପାଇଁ ଆସିଛି କି ଗତ ୧୧ମାସ ହେଲା ତୁମେ ଯେଉଁ ଦୋଷ ତ୍ରୁଟି ଓ ଭୁଲ୍ କରିବସିଛ, ଉକ୍ତ କର୍ତବ୍ୟ ସମ୍ପାଦନରେ ତାହାକୁ ଏହି ମାସରେ ନିଷ୍ଠାର ସହ ଅଲ୍ଲାଃଙ୍କ ପାଇଁ ବୈଧ ସାମଗ୍ରୀରୁ ନିଜକୁ ଦୁରେଇ ରଖି ଅର୍ଥାତ ଭୋକ ଓ ଉପାସ ବରଦାସ୍ତ କରି ପ୍ରଭୁଙ୍କ ଉପାସନା ପୂର୍ବପେକ୍ଷା ଯଥେଷ୍ଟ ଅଧିକ ସମ୍ପାଦନ କରିବାପ୍ରତି ଧ୍ୟାନ କେନ୍ଦ୍ରିତ କରି ଉକ୍ତ ସୂନ୍ୟସ୍ଥାନକୁ ପୂରଣ କର । ଯେତେବେଳେ ଏହିପରି କରିନେବ ତେବେ ତାହା ହିଁ ହେବ ତକୱ୍ୱା (ଅର୍ଥାତ ଧର୍ମପରାୟଣ) । ଏବଂ ଏହା ହିଁ ରମ୍‌ଜାନ ଓ ରୋଜାର ପ୍ରକୃତ ଉଦ୍ଦେଶ୍ୟ । ପୁନଶ୍ଚ ଯେ ଏହି ମହତ୍ ଉଦ୍ଦେଶ୍ୟରେ ରୋଜା ରଖିବ ଓ ରମ୍‌ଜାନ ମାସକୁ ପାଳନ କରିବ ସେତେବେଳେ ତାହା ମଧ୍ୟରେ ଯେଉଁ ପରିବର୍ତନ ସୃଷ୍ଟି ହେବ ତାହା କ୍ଷଣସ୍ଥାୟୀ ହେବନାହିଁ ବରଂ ଏକ ଚିରସ୍ଥାୟୀ ପରିବର୍ତନ ହେବ ।

ପୁଣି ଅଲ୍ଲାଃଙ୍କ କର୍ତବ୍ୟ ଓ ଉପାସନାର କର୍ତବ୍ୟ ସମ୍ପାଦନ କରିବାପ୍ରତି ମଧ୍ୟ ସଦେବ ଧ୍ୟାନ ରହିଥାଏ ସାଂସାରିକ କାର୍ଯ୍ୟ ବ୍ୟସ୍ତତା ଓ କଳୁଶତା ତୁମ ଉପରେ ବିଜୟଲାଭ କରିପାରିବ ନାହିଁ । ପୁଣି ମାନବଜାତିର କର୍ତବ୍ୟ ସମ୍ପାଦନ ପ୍ରତି ମଧ୍ୟ ଧ୍ୟାନ ରହିଥିବ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାପାଇଁ ଅନ୍ୟର ଅଧିକାର ଆତ୍ମସାତ କରିବ ନାହିଁ । ଯଦି ଆମେ ଏହି ନିୟତ୍‌କୁ ଲକ୍ଷ ଓ ଉଦ୍ଦେଶ୍ୟ କରି ଉକ୍ତ ମାସରେ ପ୍ରବେଶ କରିବା ନାହିଁ ତେବେ ଆମର ରମ୍‌ଜାନ ନିରର୍ଥକ ଓ ମୂଲ୍ୟହିନ ସାବ୍ୟସ୍ତ ହେବ ।

ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏକଦା କହିଲେ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ କୃପା ହାସଲ କରିବା ଉଦ୍ଦେଶ୍ୟରେ ରୋଜା ରଖିଥାଏ ତେବେ ଅଲ୍ଲାଃ ତାଲା ତାହାର ମୁଖ ଓ ଅଗ୍ନୀ ମଧ୍ୟରେ ସତୁରୀ ଖରିପ ଦୂରତା ରଖିଦେଇଥାନ୍ତି । ***(ସହି ବୁଖାରୀ...... ହଦିସ୍ ୨୮୪୦)***

ଖରିପ ଅର୍ଥ ଗୋଟିଏ ଋତୁ ଓ ଆସନ୍ତା ବର୍ଷ ସେହି ସମାନ୍ ଋତୁ ମଧ୍ୟରେ ଥିବା ବ୍ୟବଧାନ ଅର୍ଥାତ ଗୋଟିଏ ବର୍ଷ । ତେବେ ପ୍ରଭୁ ଏତେ ଦୀର୍ଘ ବ୍ୟବଧାନ ସୃଷ୍ଟି କରିଦେଇଥାନ୍ତି ଯାହାକି ସତୁରୀ ବର୍ଷ ସହିତ ସମାନ । ତେବେ ଏହା ହେଉଛି ରୋଜାର ବର୍‌କତ୍ ଅର୍ଥାତ ଏହା ସେହି ତକୱ୍ୱା ଯାହାକି ରୋଜା ଜଣକ ମଧ୍ୟରେ ଆଣିଦେଇଥାଏ । ରୋଜା ମାତ୍ର ତିରିଶ ଦିନ ପର୍ଯ୍ୟନ୍ତ ତକ୍‌ୱ୍ୱା ଉତ୍ପନ୍ନ କରିନଥାଏ ବରଂ ପ୍ରକୃତ ରୋଜ ସତୁରୀ ବର୍ଷ ପର୍ଯ୍ୟନ୍ତ ନିଜର ପ୍ରଭାବ ଦେଖାଇଥାଏ । ଏହି ହିସାବରେ ଆମେ ଦେଖିଲେ ରୋଜାର ଧାର୍ଯ୍ୟ ହେବାପରେ ଅର୍ଥାତ ଯେଉଁ ସାବାଳକମାନଙ୍କ ଉପରେ ଏହା ଲାଗୁ ହୋଇଥାଏ, ଯେ ଏହାର ମର୍ମକୁ ବୁଝି ଉପବାସ ରହିଥାଏ ସେ ନିଜ ସାରା ଜୀବନ ଏଥିରୁ ପ୍ରକୃତ ପକ୍ଷେ ଉପକୃତ ହୋଇଥାଏ ଯାହା କି ପ୍ରଭୁ ଏଥିରେ ନିହିତ ରଖିଛନ୍ତି ଏବଂ ସେ ତକୱ୍ୱାର ବାଟ ଖୋଜି କ୍ରୋଧରୁ ରକ୍ଷା ପାଇଯାଇଥାଏ ଏବଂ ତାଙ୍କ ପ୍ରସନ୍ନତା ଲାଭକାରୀ ହୋଇଯାଇଥାଏ ।

ଯଦି ଆମେ ଚିନ୍ତା କରିବା ଯେ ଏପରି ରୋଜାଦାର ଆମମାନଙ୍କ ଗହଣରେ ସୃଷ୍ଟି ହୋଇଯାଆନ୍ତୁ ତେବେ ତାହା କିଭଳି ସୁନ୍ଦର ପରିବେଶ ଓ ମନୋରମ ପରିବେଶ ହେବ । ଯେଉଁସ୍ଥଳେ ଅଲ୍ଲାଃ ତାଲାଙ୍କର ଓ ଭକ୍ତର କର୍ତବ୍ୟ ମଧ୍ୟ ସମ୍ପାଦନ ହେଉଥିବ ଏବଂ ଏହା ହିଁ ସେହି ମନୋହର ପରିବେଶ ଯାହାକି ଜଣେ ମୋମିନ୍ ପ୍ରତିଷ୍ଠା କରିବାର ଅଭିଳାଷି ବରଂ ପ୍ରତ୍ୟେକ ମଣିଷ ଏହିଭଳି ପରିବେଶ ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରିଥାଏ । ଯେଉଁ ସ୍ଥଳେ ନିଜ ଅଧିକାରର ପ୍ରଶ୍ନ ରହିଛି ତେବେ ଯେପରିକି ମୁଁ କହିଲି ସାଧାରଣତଃ ଜଣେ ନିଜପାଇଁ ତ ଏହା ପସନ୍ଦ କରିନଥାଏ । ତେବେ ଅନ୍ୟପାଇଁ ପଛେ ମନେ ପଡୁ କିନ୍ତୁ ଇସ୍‌ଲାମ୍ ଏହା କହିଥାଏ କି ତୁମେ ଅନ୍ୟପାଇଁ ମଧ୍ୟ ସେହିଭଳି ସ୍ୱାସ୍ଥ୍ୟକର ଓ ଉତମ ପରିବେଶ ଉତ୍ପନ୍ନ କରିବାପାଇଁ ଚେଷ୍ଟାକର । କେବଳ ନିଜର ସୁବିଧା ସୁଯୋଗ ଖୋଜ ନାହିଁ ଓ ନିଜ ସ୍ୱାର୍ଥ ଓ ଅଧିକାର ଦେଖନାହିଁ । ବରଂ ଅନ୍ୟର ଅଧିକାର ସୁରକ୍ଷା କର ଓ ତାହାକୁ ଅଗ୍ରାଧିକାର ଦିଅ ସେଥିପ୍ରତି ଯତ୍ନବାନ ହୁଅ ।

ଆଜିକାଲି ଯେଉଁ ପ୍ରାଣଘାତିକ ସଂକ୍ରମଣ ପରିବ୍ୟାପ୍ତ ହୋଇଅଛି ତାହା ପ୍ରଶାସନିକ ନିୟମ ଅନ୍ତର୍ଗତ ଅଧିକାଂଶ ଲୋକଙ୍କୁ ଘରେ ବନ୍ଦ କରି ରଖିଦେଇଛି । କିନ୍ତୁ ଏଠାରେ ଗୋଟିଏ ଭଲ କଥା ଯମାତ୍‌ରେ ଦେଖିବାକୁ ମିଳୁଅଛି ଏବଂ ବିଶ୍ୱର ପ୍ରତ୍ୟେକ ଦେଶରେ ମଧ୍ୟ ଏଥିପ୍ରତି ଧ୍ୟାନକେନ୍ଦ୍ରିତ ହେଉଅଛି କି ଆମ ଖୁଦାମୁଲ୍ ଅହେମଦୀୟା ଅନ୍ତର୍ଗତ ଭଲ୍ୟୁଂଟର୍ସ (ସ୍ୱେଚ୍ଛାସେବକଗଣ) ଯେଉଁ ସ୍ଥଳେ ଆବଶ୍ୟକ ସାହାଯ୍ୟ ଓ ଅନ୍ୟାନ୍ୟ ସହଯୋଗ ଆଦି ପ୍ରଦାନ କରିଚାଲିଛନ୍ତି ଓ ଔଷଧପତ୍ର ଇତ୍ୟାଦି ଯୋଗାଇ ଦେଇଛନ୍ତ । ତେବେ ଏହା ଯେଉଁ କର୍ତବ୍ୟ ସମ୍ପାଦନ କରାଯାଉଅଛି ଏହା ଏକ ଏଭଳି ନମୁନା ଯେଉଁଥିରୁ ଆପଣା ତ ଉପକୃତ ହେଉଛନ୍ତି ତତ୍‌ସହିତ ପରମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । ଅତଃ ମାନବସେବାର ଏହି ଚିନ୍ତା ଯାହାକି ଜାଗ୍ରତ ହୋଇଛି ଏହା ଆମମାନଙ୍କ ମଧ୍ୟରେ ସଦେବ ବିଦ୍ୟମାନ ରହିଥାଉ । ନା' କେବଳ ହଙ୍ଗମା ପରିସ୍ଥିତିରେ ଓ ଏଭଳି ଉତ୍କଟ ପରିସ୍ଥିତିରେ । ସେ ଯାହା ହେଉ ଆଧ୍ୟାତ୍ମିକ ଉପକାରିତା କଣ ଲୋକେ ମତେ ପତ୍ର ଲେଖିଥାନ୍ତି ଯେ ଏହି କାରଣରୁ ଆମେ ଘରେ ଏକ ନୁତନ ପରିବେଶ ସୃଷ୍ଟି କରିଦେଇଛୁ କି ଆମେ ସମସ୍ତେ ଘରେ ବସିଯାଉଛୁ ନମାଜ ସପରିବାର ପାଠ କରୁଅଛୁ ପୁଣି ନମାଜ ପରେ କିଛି କ୍ଷଣ ପ୍ରବଚନ ଶୁଣିବାକୁ ମିଳୁଛି । ଏକାଠି ବସି ଖୁତ୍‌ବା ଶୁଣୁଛୁ ଏବଂ ଏମ୍‌ଟିଏରେ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ମଧ୍ୟ ଦେଖୁଅଛୁ । ଯଦି ଏହି ଲକ୍‌ଡାଉନ୍ ଆହୁରି ଅଧିକ ବଢ଼େ ଏବଂ ସମ୍ପୁର୍ଣ୍ଣ ରମ୍‌ଜାନ ଏହି ଏପରି ଶେଷ ହୋଇଯାଏ ତେବେ ବାଯମାତ୍ ନମାଜ ଦରସ୍ ଆଦି ଅଧିକ ଉତମରୂପେ ସମ୍ପାଦନ କରିବାକୁ ଚେଷ୍ଟା କରିବା ଉଚିତ । ପିଲାମାନଙ୍କୁ ମଧ୍ୟ ସାମାନ୍ୟ ଧରଣର ସମସ୍ୟା ଆଦିର ସମାଧାନ ସମ୍ବନ୍ଧରେ ଅବଗତ କରାନ୍ତୁ । ଯେପରି କି ପୂର୍ବେ ଗୋଟିଏ ଖୁତ୍‌ବାରେ ମୁଁ କହିଥିଲି କି ନିଜ ଜ୍ଞାନରେ ଅଭିବୃଦ୍ଧି ଘଟାଇବା ଓ ଦୁଆ କରିବାପ୍ରତି ବିଶେଷ ଧ୍ୟାନ ଦେବା । ଅଲ୍ଲାଃ ତାଲାଙ୍କୁ ଦୟା ଭିକ୍ଷା କରନ୍ତୁ କି ନିଜ ପାଇଁ ଓ ସମଗ୍ର ସଂସାରବାସୀ ପାଇଁ ଅତଃ ଏହି ଦିନଗୁଡିକରୁ ମଧ୍ୟ ଆମମାନଙ୍କୁ ବିଶେଷରୂପେ ଉପକୃତ ହେବା ଉଚିତ । ଏହି ସଂକ୍ରମଣ ଘରମାନଙ୍କରେ ଯେଭଳି ପରିସ୍ଥିତି ସୃଷ୍ଟି କରିଛି ସେଥିରୁ ଉଦ୍ଧାର ପାଇବା ନିମନ୍ତେ ମଧ୍ୟ ଆମମାନଙ୍କୁ ଧ୍ୟାନକେନ୍ଦ୍ରିତ କରିବା ଉଚିତ ନା କି ସେହି ଘରମାନଙ୍କ ପରି ନିଜ ଘରର ପରିବେଶ ସୃଷ୍ଟି କରନ୍ତୁ ଯେପରି ଜଣେ ସାଂସାରିକ କାମନା ଓ ବାସନା, ଝଗଡ଼ା ଓ ବିଶୃଙ୍ଖଳା ପୂର୍ଣ୍ଣ ଘର ହୋଇଥାଏ । ଯେଉଁଠାରେ ଅଶାନ୍ତି ନିଜର ବସା ବାନ୍ଧି ବସିଛି ଗୋଟିଏ ନୂତନ ପରିବେଶରେ ପୂଣ୍ୟକର୍ମ ପ୍ରତି ଧ୍ୟାନକେନ୍ଦ୍ରିତ କରି ନିଜ ପରିବେଶକୁ ଉନ୍ନତ ଓ ସ୍ୱାସ୍ଥ୍ୟକର କରିବା ଉଚିତ । କେତେକ ସ୍ଥଳେ ପୁରୁଷ ଏପିର ପରିବେଶର ପୂର୍ଣ୍ଣ ଭାଗିଦାରି ହୋଇନଥାନ୍ତି ଯାହାକି ଧାର୍ମିକ ଘରେ ସୃଷ୍ଟି ହୋଇଥାଏ ଏବଂ କେତେକ ମହିଳାଙ୍କ ପାଇଁ ପ୍ରାଥମିକତା ଭିନ୍ନ ରକମର ଥାଏ । ଏଭଳି ଲୋକମାନଙ୍କୁ ଏହା ଅବଗତ ହିଁ ନଥାଏ କି ଏପରି ଜଟିଳ ପରିସ୍ଥିତିରେ କେତେ ପ୍ରଭୁଙ୍କ ଶରଣାଗତ ହୋଇ ତାଙ୍କ ପ୍ରସନ୍ନତା ହାସଲ କରିବା ଜରୁରୀ ଏବଂ ଏହା ହିଁ ପିଲାମାନଙ୍କୁ ପ୍ରଭୁଙ୍କ ନିକଟତର କରିବାର ଅନୁକୂଳ ସମୟ ଅତଏବ୍ ଏହି ଦିନ ମାନଙ୍କରେ ଆମ ଘରେ ତଥା ପ୍ରତ୍ୟେକ ଅହେମଦୀ ଘରମାନଙ୍କୁ ଏଥିପ୍ରତି ବହୁତ ଧ୍ୟାନ ଦେବା ଆବଶ୍ୟକ ଯଦ୍ୱାରା ଆମେ ଅଧିକରୁ ଅଧିକ ପ୍ରଭୁଙ୍କ ପ୍ରେମ ହାସଲ କରିବା ନିଜର ପରିଣାମ ସତ୍‌କୃତ କରିପାରିବା । ପ୍ରଭୁ ଆମକୁ ତକୱ୍ୱାର ବାସ୍ତବିକତା ବୁଝିବା ଓ ସେଥିମୁତାବକ କାର୍ଯ୍ୟକାରୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତକୱ୍ୱାର ବ୍ୟାଖ୍ୟା ଭିନ୍ନ ଭିନ୍ନ ଶୈଳୀରେ ଅନେକ ସ୍ଥାନରେ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହେଉଛନ୍ତି ଚଳିତ ଯୁଗର ସୁନ୍ଦର ସୁଦୃଢ଼ ଦୁର୍ଗ ଓ ଆଶ୍ରାୟକ ଯେ ଅଲ୍ଲାଃଙ୍କ ମାର୍ଗଦର୍ଶନ ଅନୁଯାୟୀ ଇସ୍‌ଲାମ୍‌ର ବାସ୍ତବ ଶିକ୍ଷା ଆମମାନଙ୍କ ନିକଟରେ ଉନ୍ମୁକ୍ତ କରି ଆମକୁ ଅତି ଦରଦ ର ସହିତ ପ୍ରଭୁ ଓ ତାଙ୍କ ରସୁଲ୍‌ଙ୍କ ପ୍ରଦର୍ଶିତ ମାର୍ଗ ଦର୍ଶାଇଲେ ଏବଂ ଏହି ଆଶ୍ରୟସ୍ଥଳୀରେ ପ୍ରବେଶ କରିବାପାଇଁ ଉତ୍ସାହିତ କଲେ ଅତଃ ଆମମାନଙ୍କର କର୍ତବ୍ୟ କି ଆମେମାନେ ଏହି ଯମାତ୍ ଆଶ୍ରୟସ୍ଥଳୀରେ ସାମିଲ ହୋଇ ଆପଣଙ୍କ ପବିତ୍ର ବାଣୀକୁ ଶୁଣି ସେଥିମୁତାବକ ଅମଲ କରି ସେହି ପ୍ରତିଜ୍ଞାକୁ ପୁରଣ କରିବା ଯାହାକି ଆମେ ଆପଣଙ୍କ ସହ କରିବସିଛେ ଏବଂ ଏତଦ୍‌ଦ୍ୱାରା ଆମେ ନିଜ ଇହ ଓ ପରକାଳ ସଫଳ କରିପାରିବା ।

ଏଠାରେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କେତେକ ସନ୍ଦର୍ଭ ଉପସ୍ଥାପନ କରିବି ଯାହାକି ଆପଣ ବିଭିନ୍ନ ଅବସରରେ ଅର୍ଥାତ ବୈଠକରେ ଆପଣ ଯମାତ୍‌ର ସଦସ୍ୟମାନଙ୍କ ଆଧ୍ୟାତ୍ମିକ ଉନ୍ନତି ଓ ଉକ୍ତ ତକୱ୍ୱାରେ ଉନ୍ନତି କରିବା ନିମନ୍ତେ ଦର୍ଶାଇଛନ୍ତି । ଗୋଟିଏ ବୈଠକରେ ଆପଣ ତକ୍‌ୱ୍ୱା କଣ ଓ ତାହା କିଭଳି ହାସଲ ହୋଇପାରିବ ସେଥିସମ୍ବନ୍ଧରେ ସ୍ପଷ୍ଟିକରଣ କରି କୁହନ୍ତି:– "ଗୁରୁତ୍ୱପୂର୍ଣ୍ଣ କଥା ଏହିକି ଯେ, ସର୍ବପ୍ରଥମେ ବୁଝିବା ଦରକାର କି ତକ୍‌ୱ୍ୱା କଣ ଏବଂ ତାହା କିଭଳି ହାସଲ ହୋଇପାରିବ । ମନେରଖ ତକ୍‌ୱ୍ୱା ଏହି କି ଯେ ଜଣେ ସୂକ୍ଷ୍ମାତିସୂକ୍ଷ୍ମ କୁକର୍ମରୁ ନିଜକୁ ବଂଚାଇ ରଖିବ । ତାହାର ହାସଲ କରିବା ଉପାୟ ବା ପନ୍ଥା ଏହି କି ଯେ, ମଣିଷ ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରୁ ଯେ ପାପର ଧାସ ମଧ୍ୟ ତାକୁ ନ ପହଂଚୁ ଏବଂ କେବଳ ନିଜ ଯୋଜନାକୁ ହିଁ ଯଥେଷ୍ଟ ମଣିବା ଉଚିତ ନୁହେଁ ବରଂ ଏଭଳି ଦୁଆ କରିବା ଉଚିତ ଯେପରି ତାହା କରିବା ଅନିବାର୍ଯ୍ୟ ଅର୍ଥାତ ବସିପଡ଼ି ନତମସ୍ତକ ରହି ତଥା ଦଣ୍ଡାୟମାନ ଏପରିକି ପ୍ରତ୍ୟେକ ଅବସ୍ଥାରେ ଓ ପ୍ରତ୍ୟେକ ମୁହୁର୍ତରେ ଏହି ଚିନ୍ତନରେ ଅଥୟ ଅଧିର ଓ ବ୍ୟଗ୍ର ରହିବ କି ହେ ପ୍ରଭୁ ! ମତେ ପାପଶକ୍ତ ଓ ମୋହମାୟା ଆଦି ସମସ୍ତ ପ୍ରକାର ଗର୍ହିତ କାର୍ଯ୍ୟରୁ ମୁକ୍ତିପ୍ରଦାନ କରନ୍ତୁ । ଆପଣ କହିଲେ ଏହାଠାରୁ ବଳି କୌଣସି ଉପହାର ନାହିଁ କି ମଣିଷ ପାପ ଓ ମୋହମାୟାରୁ ସୁରକ୍ଷିତ ଓ ପବିତ୍ର ହୋଇ ପ୍ରଭୁଙ୍କ ଦୃଷ୍ଟିରେ ସତ୍ୟବାଦୀ ପାଲଟିଯାଉ । ଆପଣ କହିଲେ ଏହି ପୁରସ୍କାର କେବଳ ମାତ୍ର ଯୋଜନା ମାଧ୍ୟମରେ ହାସଲ ହୋଇନଥାଏ କି ନା କେବଳ ଦୁଆ ଦ୍ୱାରା ହାସଲ ହୋଇଥାଏ ବରଂ ତାହା ସବୁ ଏକାଠି ହେଲେ ହିଁ ହାସଲ ହୋଇଥାଏ । ଯେ ପର୍ଯ୍ୟନ୍ତ ଦୁଆ ଓ ଚେଷ୍ଟା ତାହାର ଚରମସୀମା ପର୍ଯ୍ୟନ୍ତ ପହଂଚିନାହିଁ ତାହା ହାସଲ ହୋଇନଥାଏ । ଆପଣ କୁହନ୍ତି ଯେଉଁ ବ୍ୟକ୍ତି କେବଳ ଦୁଆ କରେ ଓ ଯୋଜନା ଅନୁଯାୟୀ ପ୍ରୟାସ କରିନଥାଏ ସିଏ ଭୁଲ୍ କରିଥାଏ ଏବଂ ପ୍ରଭୁଙ୍କୁ ପରୀକ୍ଷାରେ ପକାଇଥାଏ । ସେହିପରି କେବଳ ଯୋଜନା କରିନିଏ ଓ ଦୁଆ କରେ ନାହିଁ ତେବେ ସେ ଜଣେ ଚପଳ ମଣିଷ ସେ ପ୍ରଭୁଙ୍କ ନିକଟରେ କ୍ଷମା ଜାଚନା କରି ନିଜ ଇଚ୍ଛା ମୁତାବକ ଯୋଜନା ଓ ବାହୁବଳ ମାଧ୍ୟମରେ ପୂଣ୍ୟ ଅର୍ଜନ କରିବାକୁ ଚାହିଁଥାଏ । କିନ୍ତୁ ବାହୁବଳରେ ପୂଣ୍ୟ ଅର୍ଜିତ ହୋଇନଥାଏ । କିନ୍ତୁ ଜଣେ ମୋମିନ୍ ସତ୍ୟନିଷ୍ଠ ଓ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ସଚ୍ଚୋଟ ମୁସଲମାନର ଏପରି ସ୍ୱଭାବ ହେବା ଠିକ୍ ନୁହେଁ ବରଂ ସେ ଯୋଜନା ଓ ଦୁଆ ଉଭୟ ମାଧ୍ୟମ ଅବଲମ୍ବନ କରି ପ୍ରଭୁଙ୍କ ଉପରେ ମାମଲା ଛାଡ଼ିଦେଇଥାଏ । ପବିତ୍ର କୋରାନ୍‌ର ପ୍ରଥମ ସୁରାଃରେ ଏହି ଶିକ୍ଷା ଦିଆଯାଇଅଛି ଅର୍ଥାତ **ଇୟାକ ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍** ଯେ ନିଜ ସାମର୍ଥ୍ୟ ମୁତାବକ କାର୍ଯ୍ୟ ନ କରେ ସେ କେବଳ ତାହାକୁ ନିଷ୍ଫଳ କରିନଥାଏ ବରଂ ତାହାର ଅନାଦାର ଓ ପାପ କରିଥାଏ ।

***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୩୩୭-୩୩୮ ହାଶିୟା ଏଡ଼ିଶନ୍ ୧୯୮୪)***

ଏହାର ଅଧିକ ବ୍ୟାଖ୍ୟା କରି ଆପଣ କୁହନ୍ତି ଅଲ୍ଲାଃ ତାଲା ଯେଭଳି ସାମର୍ଥ୍ୟ ମାନବକୁ ପ୍ରଦାନ କରିଛନ୍ତି ତାହାକୁ ପୁର୍ଣ୍ଣ ରୂପେ ବିନିଯୋଗ କରି ପ୍ରଭୁଙ୍କ ନିକଟରୁ ଫଳ ଆଶା ବାନ୍ଧିବା କି **ଇୟାକ ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍** କି ହେ ପ୍ରଭୁ ଆମେ ତୁମର ସାହାଯ୍ୟ ଭିକ୍ଷା କରୁଅଛୁ ।

***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୩୩୮-୩୩୯ ହାଶିୟା ଏଡ଼ିଶନ୍ ୧୯୮୪)***

କିନ୍ତୁ ଆମକୁ ସର୍ବଦା ମନେ ରଖିବା ଉଚିତ କି ଯେ ପ୍ରଭୁ ଆମ ଅନ୍ତରର ଭେଦ ଓ ପ୍ରତ୍ୟେକ କାର୍ଯ୍ୟ ସମ୍ବନ୍ଧରେ ଅବଗତ । ତେଣୁ ନିଜ ପ୍ରୟାସକୁ ସର୍ବୋଚ୍ଚ ସ୍ତରରେ ପହଂଚାଇ ପ୍ରଭୁଙ୍କ ସାହାଯ୍ୟ ଭିକ୍ଷା କରିବା ଉଚିତ । ଅତଏବ ଏହି ମାମଲାରେ ନିଜର ବେସ୍ ଭଲକରି ନିରୀକ୍ଷଣ କରି ଦେଖିବା ଜରୁରୀ କି ଆମେ ଧର୍ମ ପରାୟଣ କି ନୁହେଁ ।

ହଜୁର ଆ:ସ କୁହନ୍ତି ଏଥିରେ ସନ୍ଦେହ ନାହିଁ ଯେ, କେତେକ ସମୟରେ ମଣିଷ ବେସ୍ ସୁନ୍ଦର ଯୋଜାନ ପ୍ରସ୍ତୁତ କରି କାର୍ଯ୍ୟ କରିଥାଏ । କିନ୍ତୁ କେବଳ ସେଥିରେ ସମ୍ପୂର୍ଣ୍ଣରୂପେ ନିର୍ଭର କରିବା ମୂର୍ଖାମି ଅଟେ । ଯେ ପର୍ଯ୍ୟନ୍ତ ଯୋଜନା ମୁତାବକ ପ୍ରୟାସ କରିବା ସହିତ ଦୁଆ କରାଯାଇନାହିଁ ତାହା ତିଳେମାତ୍ର ଫଳପ୍ରଦ ହୋଇନଥାଏ । ଯେଉଁ ଝରକା ବାଟେ ମୋହମାୟା ପ୍ରବେଶ କରିଥାଏ ସର୍ବଦା ପ୍ରଥମେ ତାହାକୁ ବନ୍ଦ କରିବା ଅନିର୍ବାଯ୍ୟ ପୁନଶ୍ଚ ଯେଉଁ ସୁତ୍ରରେ ପାପର ଆଗମନ ହୋଇଥାଏ ଯାହାକି ଜଣକୁ ଅଧର୍ମୀ ଓ ଧର୍ମରୁ ଦୁରେଇ ନେବାର ମୂଳକାରଣ ସାବ୍ୟସ୍ତ ହୋଇଥାଏ ତାହାକୁ ଦୂର କରିବା ଅତ୍ୟନ୍ତ ଜରୁରୀ । ଆପଣ କୁହନ୍ତ ଉକ୍ତ ଝରକା ବନ୍ଦ କରି କାମନା ପୂର୍ଣ୍ଣ ଭାବନାପାଇଁ ଦୁଆ କରିବାପାଇଁ ହିଁ କୁହାଯାଇଛି । **ଓ୍ୱଲ୍‌ଲଜିନା ଯାହାଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା** (ଅନ୍‌କା:୭୬) ଆପଣ କହିଲେ ଏଥିରେ ନିର୍ଦ୍ଦେଶ ଅନୁଯାୟୀ ଅମଲ କରିବା ଦର୍ଶାଯାଇଛି ଯୋଜନା ସମୟରେ ଖୁଦାଙ୍କୁ ଛାଡ଼ ନାହିଁ । ଅର୍ଥାତ ଭୁଲନାହିଁ । ଅନ୍ୟପାର୍ଶ୍ୱରେ କୁହାଯାଇଛି **ଉଦ୍‌ଉନି ଅସ୍‌ତଯିବ୍‌ଲକୁମ୍** (ମୋମିନ୍:୬୧) ଯଦି ମନୁଷ୍ୟ ପୂର୍ଣ୍ଣ ତକଓ୍ୱା ତଲବ କରେ ତେବେ ଯୋଜନା ଓ ଦୁଆ ଯେଭଳି ସମ୍ପାଦନ କରିବା ଉଚିତ ସେହିପରି ଠିକ୍ ଠିକ୍ କରେ ତେବେ ପ୍ରଭୁ ତାହାକୁ ନିଜ ଅନୁକମ୍ପା ପ୍ରଦାନ କରିବେ କିନ୍ତୁ ଯଦି ଗୋଟିଏ କରି ଅନ୍ୟଟିକୁ ଛାଡ଼ିଦିଏ ତେବେ ସେ ଅନୁକମ୍ପା ଲାଭ କରିବାରୁ ବଂଚିତ ରହିଥାଏ ।

***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୩୩୮-୩୩୯ ଏଡ଼ିଶନ୍ ୧୯୮୪)***

ଏହାକୁ ଅଧିକ ଉନ୍ମୁକ୍ତ କରି ହଜୁର ଆ:ସ କୁହନ୍ତି ଅତଏବ ମନୁଷ୍ୟ ଏଭଳି ପନ୍ଥା ଅବଲମ୍ବନ କରି ତକଓ୍ୱା ଉପରେ ପ୍ରତିଷ୍ଠିତ ହୋଇଥାଏ ଅର୍ଥାତ ଯୋଜନା ଓ ଦୁଆ ପୁନଶ୍ଚ ଆପଣ କହିଲେ ପ୍ରତ୍ୟେକ କାର୍ଯ୍ୟର ମୁଳ ତକଓ୍ୱା ଅଟେ ଏବଂ ଯେଉଁଥିରେ ଏହା ଖାଲି ରହିଯାଏ ସେହି କାର୍ଯ୍ୟ ହିଁ ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ । ଧର୍ମ ପରାୟଣତା ମନଯୋଗର ସହ କରାଯାଇଥିବା କାର୍ଯ୍ୟରେ ସୌନ୍ଦର୍ଯ୍ୟ ବିମଣ୍ଡିତ କରିଥାଏ ଏବଂ ଏତଦ୍ୱାରା ପ୍ରଭୁଙ୍କ ନିକଟବର୍ତୀ ହାସଲ ହୋଇଥାଏ ଏବଂ ସେ ସନ୍ଥ ଓ ମହାତ୍ମା ପାଲଟିଯାଇଥାଏ । ଅତଏବ କହିଲେ  ଇନ୍ନା ଓ୍ୱଲିୟା ହୁ ଇଲ୍‌ଲ ମୁତକୁନ୍ ପନୁଶ୍ଚ ଉକ୍ତ ପଂକ୍ତିରେ ବ୍ୟାଖ୍ୟା କରି କହିଲେ: ସନ୍ଥ ଅର୍ଥାତ ଓ୍ୱଲି ହେବାର ଭାଗ୍ୟ ଧର୍ମପରାୟଣତା ଉପରେ ଆଧାରିତ ଯଦି ଆକୁଳ ନିବେଦନ କରି ପ୍ରଭୁଙ୍କଠାରୁ ତାହା ହାସଲ କରିବ ତେବେ ସର୍ବୋଚ୍ଚ ସ୍ତରରେ ପହଂଚିଯିବ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୩୪୦ ହାଶିୟା)***

ଯଦି ପ୍ରଭୁଙ୍କ ଓ୍ୱଲି ହେବାକୁ ଇଚ୍ଛା ତେବେ ପ୍ରଭୁଙ୍କ ଭୟକୁ ହୃଦୟରେ ସ୍ଥାନ ଦିଅ ପୁଣି ହଜୁର ସ:ଆ:ସ କୁହନ୍ତି ଯେତେବେଳେ ପୂର୍ଣ୍ଣରୂପେ ତକଓ୍ୱାର କୌଣସି ସ୍ତର ପ୍ରାପ୍ତ କରିବା ଆଉ ବାକି ରହିଯାଇନଥାଏ ସେତେବେଳେ ସେ ଓ୍ୱଲିମାନଙ୍କ ମଧ୍ୟରେ ସାମିଲ ହୋଇଥାଏ । ତକ୍‌ଓ୍ୱା ବାସ୍ତବରେ ସମ୍ପୁର୍ଣ୍ଣରୂପେ ଏକ ପ୍ରକାରର ମୃତ୍ୟୁ । କାରଣ ଯେତେବେଳେ ଆତ୍ମାର ସମସ୍ତ ପାର୍ଶ୍ୱରୁ ବିରୋଧ ପ୍ରଦର୍ଶନ କରିବ ତେବେ ତାହାର ଆତ୍ମା ମରିଯିବ । ଏଥିପାଇଁ କୁହାଯାଇଛି କି **ମୁତୁ କବ୍‌ଲା ଅନ୍ ତତୁ**  କହିଲେ କି ଆତ୍ମା ବାହ୍ୟିକ ସ୍ୱାଦରୁ ମୁଗ୍ଧ ଓ ମୋହିତ ହୋଇଥାଏ କିନ୍ତୁ ଉକ୍ତ ସ୍ୱାଦରୁ ତାହା ସମ୍ପୁର୍ଣ୍ଣରୂପେ ଅଜ୍ଞ ରହିଥାଏ ଅର୍ଥାତ ଅଲ୍ଲାଃ ତାଲାଙ୍କ ଯେଉଁ ସ୍ୱାଦଗୁଡ଼ିକ ରହିଛି ତାହା ଆଧାତ୍ମିକ ସ୍ୱାଦ ଏବଂ ତାହା ମଧ୍ୟ ଗୁପ୍ତ ଅଟେ । ସେ ତା ବିଷୟରେ ଅବଗତ ହୋଇନଥାଏ ମନୁଷ୍ୟ ସଂସାରର ଚାକ୍ୟଚକ୍ୟରୁ ହିଁ ଚିହ୍ନିଥାଏ ଏବଂ ଆତ୍ମା ତାହାକୁ ହିଁ ଜାଣିଥାଏ । ତେଣୁ କରି କହିଲେ କି ଆତ୍ମାକୁ ସାବଧାନ  କରିବା ଅତ୍ୟନ୍ତ ଆବଶ୍ୟକ ଏବଂ ତାହା କ୍ରମଶଃ ବାହ୍ୟିକ ସ୍ୱାଦ ଉପରେ ଏକ ପ୍ରକାର ମୃତ୍ୟୁର କାୟା ବିସ୍ତାର କରିଥାଏ ଏବଂ ପୁନଶ୍ଚ ଆତ୍ମାକୁ ସେହି ଗୁପ୍ତ ସ୍ୱାଦ ସଂକ୍ରାନ୍ତରେ ଜ୍ଞାତ ହୋଇଥିବ । ବାହ୍ୟିକ ସ୍ୱାଦ ଉପରେ ମୃତ୍ୟୁ ବିସ୍ତାରିତ ହୋଇ ପୁନଶ୍ଚ ସ୍ୱାଦର ଜ୍ଞାତ ହେବ ଏବଂ ସେତେବେଳେ ଯେଉଁ ଐଶ୍ୱରିକ ସ୍ୱାଦ ପ୍ରାପ୍ତ ହେବ ତାହା ସ୍ୱର୍ଗପୁର ଜୀବନର ନମୁନା ଅଟେ । ଯେତେବେଳେ ସେହି ଗୁପ୍ତ ସ୍ୱାଦର ଜ୍ଞାତ ହେବା ଆରମ୍ଭ ହେବ ସେତେବେଳେ ସ୍ୱର୍ଗପୁରର ଜୀବନ ଆରମ୍ଭ ହେବାକୁ ଲାଗିବ ପୁନଶ୍ଚ ଏହି ଉଦ୍ଦେଶ୍ୟ ରଖି ଯମାତକୁ ଉପଦେଶ ଦେଇ କହିଲେ କି ଯମାତ୍ ପକ୍ଷେ ଏହା ଉଚିତ କି ନିଜ ଆତ୍ମା ଉପରେ ମୃତ୍ୟୁ ଜାହିର କରିବା କେବଳ ଓ୍ୱଲିୟା ଓ୍ୱଲ ଓ ପାରଦର୍ଶୀ ବ୍ୟକ୍ତିମାନଙ୍କ ଉପରେ ଉପଦେଶ ନୁହେଁ ବରଂ ଯମାତ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କ ନିମନ୍ତେ ଉପଦେଶ ଅଟେ । ଆପଣ ଏପରି ମନେକରନ୍ତୁ ନାହିଁ କି ଏହି ବିଶେଷ ମର୍ଯ୍ୟାଦା ଓ ପ୍ରତିଷ୍ଠା ପର୍ଯ୍ୟନ୍ତ ପହଂଚିବା ପାଇଁ ଅଲ୍ଲାଃ ତାଲା ଏକ ବିଶେଷ ସ୍ଥାନ ରଖିଛନ୍ତି ଯେଉଁ ମର୍ଯ୍ୟାଦ ମୁଳକ ସ୍ଥାନକୁ ସମସ୍ତ ବ୍ୟକ୍ତିଙ୍କ ପକ୍ଷେ ସମ୍ଭବପର ନୁହେଁ । ଆପଣ ସମସ୍ତଙ୍କୁ ଉପଦେଶ ପୂର୍ବକ କହିଲେ କି ଆମ ଯମାତ୍ ପକ୍ଷେ ଏହା ଉଚିତ କି ପ୍ରତ୍ୟେକ ବ୍ୟକ୍ତି ନିଜକୁ ଉତ୍ସର୍ଗ କରୁ ଧର୍ମପରାୟଣତାକୁ ପ୍ରାପ୍ତ କରିବା ନିମନ୍ତେ ସେମାନେ ସର୍ବପ୍ରଥମେ ଅଭ୍ୟାସ କରନ୍ତୁ । ଯେପରି ଛୋଟପିଲାମାନେ ହସ୍ତାକ୍ଷର ଲେଖିବା ଶିଖନ୍ତି ଓ ସେମାନେ ସେହି ହସ୍ତାକ୍ଷର ଲେଖିବା ସମୟରେ ପ୍ରଥମେ ପ୍ରଥମେ ସେମାନେ ବଙ୍କାଟଙ୍କା ଅକ୍ଷର ଲେଖିଥାନ୍ତି କିନ୍ତୁ କ୍ରମାଗତ ହସ୍ତାକ୍ଷର ଅଭ୍ୟାସ କରିବାପରେ ସେମାନେ ଆପଣାଛାଏଁ ସୁନ୍ଦର, ପରିଷ୍କାର ଓ ଗୋଲ ଗୋଲ ଅକ୍ଷର ଲେଖିବା ଆରମ୍ଭ କରିଦେଇଥାନ୍ତି । ସେହିପରି ସେମାନଙ୍କୁ ମଧ୍ୟ ଅଭ୍ୟାସ କରିବା ଉଚିତ ଯେତେବେଳେ ଅଲ୍ଲାଃ ତାଲା ସେମାନଙ୍କର ପରିଶ୍ରମକୁ ଦେଖିବେ ସେତେବେଳେ ସେ ସ୍ୱୟମଂ ସେମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କରିବେ । ଏହା ପୂର୍ବେ ଅର୍ଥାତ ଏହି ଉକ୍ତି **ଓ୍ୱଲଲଜିନା ଯାହଦୁ ଫିନା** ରେ ମୁଁ ଆଲୋଚନାକ କରିଆସିଲି ତାହାର ଅତିରିକ୍ତ ବ୍ୟାଖ୍ୟା କରି କହିଲେ କି **ଓ୍ୱଲଲ୍‌ଜିନା ଯାହଦୁ ଫିନା** ରେ ମୁଜାହିଦ୍‌ର ଅର୍ଥ ଅଭ୍ୟାସ ଅଟେ । ମନୁଷ୍ୟ ପରିଶ୍ରମ କରି ଅଲ୍ଲାଃ ତାଲାଙ୍କୁ ପ୍ରାର୍ଥନା କରେ ତେବେ ଅଲ୍ଲାଃ ତାଲା ତା' ଉପରେ ପ୍ରସନ୍ନ ହୋଇ ତା'ର ପ୍ରାର୍ଥନାକୁ ସ୍ୱୀକାର କରି ତା ଉପରେ ଦୟା ଅବତୀର୍ଣ୍ଣ କରନ୍ତି ଓ ତା'ର ପରିଶ୍ରମର ଫଳ ତାକୁ ପ୍ରଦାନ କରନ୍ତି କାରଣ ଏଥିରେ ମୁଜାହିଦା ଅର୍ଥାତ ପରିଶ୍ରମର ଅର୍ଥ ଅଭ୍ୟାସ, ଯେଉଁଭଳି ଜଣେ ବାଳକ ଅଭ୍ୟାସ କରିଥାଏ ଗୋଟିଏ ପାର୍ଶ୍ୱରେ ପ୍ରାର୍ଥନା କରିଥାଏ ଅନ୍ୟ ପାର୍ଶ୍ୱରେ ସମ୍ପୁର୍ଣ୍ଣ ଯୋଜନା ଓ ପରିଶ୍ରମ କରେ ସେତେବେଳେ ଅଲ୍ଲାଃ ତାଲାଙ୍କ କୃପା ଅବତୀର୍ଣ୍ଣ ହୋଇଥାଏ ଓ ତା ଆତ୍ମାର ଉନ୍ମାଦନା ଶୀତଳ ହୋଇଯାଇଥାଏ ଏବଂ ଏପରି ଅବସ୍ଥା ହୋଇଯାଇଥାଏ ଯେପରି ଅଗ୍ନୀ ଉପରେ ଜଳ ସିଚଂନ କରିଦିଆଯାଏ ଏପରି ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ନଫ୍‌ସେ ଅମାରାରେ ଅର୍ଥାତ ତାମସିକ ପ୍ରବୃତିରେ କବଳିତ ଅଟନ୍ତି ।

ପୁନଶ୍ଚ ଆପଣ କୁହନ୍ତି ଯେ ଯମାତ୍‌ର ଆଭ୍ୟନ୍ତରଣୀୟ ସଂସ୍କାର ନିମନ୍ତେ ମୁଁ ଏହା ଅବଲୋକନ କରୁଛି କି ଯମାତ୍‌ରେ ପରସ୍ପର ସହିତ ମତାନ୍ତର ହୋଇଯାଇଥାଏ ପରସ୍ପର ମଧ୍ୟରେ ଝଗଡ଼ା ମଧ୍ୟ ହୋଇଯାଇଥାଏ, ବୈରାଗ୍ୟ ଭାବ ମଧ୍ୟ ଦେଖାଦେଇଥାଏ ଓ ଦୁରତା ମଧ୍ୟ ସୃଷ୍ଟି ହୋଇଯାଇଥାଏ ଏବଂ  ଭାଇ ଭାଇ ମଧ୍ୟରେ ଝଗଡ଼ା ଓ କଳହ ସୃଷ୍ଟି ହୋଇଥାଏ ଏହା ଅତ୍ୟନ୍ତ ଅପ୍ରିତୀକର ତଥା ଅସ୍ୱଭନୀୟ ଆଚରଣ ବରଂ ଏପରି ଆଚରଣ ପ୍ରଦର୍ଶନ କରିବା ଅନୁଚିତ ତେଣୁ ଯଦି ଜଣେ ଭାଇ ଦୋଷ ସ୍ୱୀକାର କରେ ତେବେ ଅସୁବିଧା କଣ ? ହଜୁର ସ:ଆ:ସ କୁହନ୍ତି: କେତେକ ଲୋକ ସାମାନ୍ୟ କଥାକୁ ନେଇ ଅନ୍ୟକୁ ତିରସ୍କାର କରିବାକୁ ମଧ୍ୟ ପଛାନ୍ତି ନାହିଁ । ତେଣୁ ଏଭଳି ଆଚରଣରୁ ବିରତ ରହିବା ଜରୁରୀ ଅଲ୍ଲାଃ ତାଲାଙ୍କ ଗୋଟିଏ ନାମ ହେଉଛି ସତ୍‌ତାର୍ ଅର୍ଥାତ ଅନ୍ୟର ଦୋଷତ୍ରୁଟିକୁ ଢ଼ାଙ୍କି ଦେବା ତେବେ ଏହି ବ୍ୟକ୍ତି କାହିଁକି ନିଜ ଭାଇ ଉପରେ ଦୟା କରୁନାହିଁ ଓ ଦୋଷକୁ ଲୁଚାଇବା ଅବା ଅଣଦେଖା କରୁନାହିଁ ତା ପକ୍ଷରେ ଏହା ଉଚିତ ଯେ ସେ ନିଜ ଭାଇର ଦୋଷଦୁର୍ବଳତାକୁ ଲୁଚାଉ ଓ ତା'ର ସମ୍ମାନ ଉପରେ ଆଂଚ ଆସିବାକୁ ନ ଦେଉ ତଥା ତା'ର ପ୍ରତିଷ୍ଠା ଉପରେ ଆକ୍ରମଣ ନକରୁ ।

ବର୍ତମାନ ଯମାତ୍‌ରେ ଏଭଳି ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ଯଦି ନିଜ ବିରୋଧରେ ସାମାନ୍ୟ କଥା ଟିକେ ଶୁଣନ୍ତି ତେବେ ସେମାନେ ଉଗ୍ର ହୋଇଉଠନ୍ତି ଯଦିଓ ଏପରି ସମସ୍ତ ଉଗ୍ରତାକୁ ଦୁରିଭିତ କରିବା ଅତ୍ୟନ୍ତ ଆବଶ୍ୟକ କାରଣ ଏପରି କରିବା ଦ୍ୱାରା ସ୍ୱଭାବରେ ସହିଷ୍ଣୁତା ଭାବ ସୃଷ୍ଟି ହୋଇଥାଏ । ହଜୁର ସ:ଆ:ସ କହିଲେ କି ଏହା ଲକ୍ଷ୍ୟ କରାଯାଇଥାଏ ଯେ ଯେତେବେଳେ ଜଣେ ଏକ ତୁଚ୍ଛ ଏବଂ ସମାନ୍ୟ କଥାକୁ କେନ୍ଦ୍ରକରି ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ କରିଦେଇଥାଏ, ସେତେବେଳେ ଜଣେ ଅନ୍ୟଜଣକୁ ପରାସ୍ତ କରିବାପାଇଁ ଚିନ୍ତିତ ବା ବ୍ୟଗ୍ର ହୋଇଉଠେ କି କୌଣସି ମତେ ଉପଯୁକ୍ତ ସମୟ ଦେଖି ତାହାକୁ ନିଚା ଦେଖାଇବି ତା'ର ତିରସ୍କାର କରିବି ଓ କୌଣସି ମତେ ମୁଁ ବିଜୟୀ ହେବି । ସୁତରାଂ ଏପରି ଅବସରରୁ ଆତ୍ମସ୍ୱାର୍ଥରୁ ଉନ୍ମାଦନାଠାରୁ ନିଜକୁ ଦୁରେଇ ରଖିବା ଉଚିତ ଓ ଉପଦ୍ରବର ଦୁରିଭିତ ହେବା ନିମନ୍ତେ ସାମାନ୍ୟ ସାମାନ୍ୟ କଥାକୁ ଜାଣିଶୁଣି ସ୍ୱୟମଂ ତିରସ୍କାର ବରଣ କରିବା ଉଚିତ । ଏହି କଥା ପାଇଁ କଦାପି ଅପଚେଷ୍ଟା ନକରନ୍ତୁ କି ନିଜ ଭାଇ ତିରସ୍କୃତ କରାଯାଉ" ।

***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୩୪୧-୩୪୨)***

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

*ତାଲିବେ ଦୁଆ: Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

ହଜୁର ସ:ଆ:ସ କୁହନ୍ତି ଏହା ଅତ୍ୟନ୍ତ ଅହଙ୍କାର ତଥା ରୁଗ୍ଣତା ଯେ ପରର ଦୋଷକୁ ଧରି ତାହାର ଅପପ୍ରଚାର କରାଯାଉ । ଦେଖ ନିଜ ଭାଇ ଉପରେ ବିଜୟ ପ୍ରାପ୍ତ କରିବାର ଚିନ୍ତାଧାରା ହେଉଛି ଅହଙ୍କାରର ମୂଳ ଯାହାକି ପୂର୍ବେ ମୁଁ ଆଲୋଚନା କରି ଆସିଲି । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ସ୍ପଷ୍ଟୀକରଣ କରି ହଜୁର ଆ:ସ କୁହନ୍ତି ଏପରି ଚିନ୍ତାଧାରା ନିଜ ଭାଇର ଦୋଷଦୃବଳତାକୁ ଅପପ୍ରଚାର କରିବାପାଇଁ ତାହାକୁ ପ୍ରେରିତ କରିଥାଏ । ଏପରି କାର୍ଯ୍ୟ ଦ୍ୱାରା ଆତ୍ମା ବିଗିଡ଼ି ଯାଇଥାଏ ତେଣୁ ତହିଁରୁ ବିରତ ରହିବା ଉଚିତ ସୁତରାଂ ଏହାସବୁ ତକୱା ଭିତରେ ନିହିତ ରହିଛି । ଆଭ୍ୟନ୍ତର ଓ ବାହ୍ୟିକ କାର୍ଯ୍ୟରେ ଧର୍ମପରାୟଣ ଅବଲମ୍ବନ କରୁଥିବା ବ୍ୟକ୍ତି ଦେବଦୂତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ କାରଣ ତହିଁରେ ଅର୍ଥାତ ସେହି ବ୍ୟକ୍ତି ମଧ୍ୟରେ କୌଣସି ଦୁଷ୍ଟାମି ବାକି ନଥାଏ । ଧର୍ମପରାୟଣତକୁ ଗ୍ରହଣ କର । କାରଣ ଧର୍ମପରାୟଣତା ପରେ ହିଁ ଅଲ୍ଲାଃ ତାଲାଙ୍କର ବିଭୁତି ହାସଲ ହୋଇଥାଏ । ଧର୍ମପରାୟଣ ବ୍ୟକ୍ତିକୁ ସଂସାରର ବିପତିଠାରୁ ସୁରକ୍ଷା ପ୍ରଦାନ କରାଯାଇଥାଏ । ଅଲ୍ଲାଃ ତାଲା ସେମାନଙ୍କର ଦୋଷ ଦୁର୍ବଳତାକୁ ଘୋଡ଼ାଇ ରଖିଥାନ୍ତି । ଯେପର୍ଯ୍ୟନ୍ତ ଏପରି ପନ୍ଥା ଅବଲମ୍ବନ କରାଯାଇନାହିଁ । ସେ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନଥାଏ । ଏପରି ବ୍ୟକ୍ତିମାନେ ମୋର ବୟତରୁ କୌଣସି ଲାଭ ଉଠାଇପାରିବେ ନାହିଁ ।

ହଜୁର ଆ:ସ କହିଲେ ମନେରଖ ବୟତର ମୌଖିକ ସ୍ୱୀକାରୋକ୍ତିର କୌଣସି ମୂଲ୍ୟ ନାହିଁ ବରଂ ଅଲ୍ଲାଃ ଆତ୍ମାଶୁଦ୍ଧି ଚାହୁଁଛନ୍ତି । ଯେତେବେଳେ ଅନ୍ୟାୟ ଅନିତି ତଥା ଅତ୍ୟାଚାର ମନ ଭିତରେ ଥିବ ତେବେ ତାହା କିପରି ବା ଫଳପ୍ରଦ ସାବ୍ୟସ୍ତ ହେବ । ଯଦି ସେହିପରି ଉଗ୍ରତା, ଅହଂକାର, ଅଭିମାନ, କପଟାଚରଣ ଓ ଶୀଘ୍ର କ୍ରୋଧିତ ହେବା ସାର ହୁଏ ଯାହାକି ଅନ୍ୟମାନଙ୍କ ଭିତରେ ମଧ୍ୟ ରହିଛି ତେବେ ପୁଣି ଫରକ କଣ ରହିଲା ?

ଏହାର ଅତିରିକ୍ତ ବ୍ୟାଖ୍ୟା କରି ହଜୁର ଆ:ସ ବର୍ଣ୍ଣନା କରୁଛନ୍ତି  କି ସୁତରାଂ ନିଜ ଅଭ୍ୟନ୍ତରରେ ପ୍ରଥମେ ପରିବର୍ତନ ଆଣନ୍ତୁ ଏବଂ ଉତମ ଚାରିତ୍ରିକ ନମୁନା ପଦର୍ଶନ କରନ୍ତୁ । ହଜୁର ଆ:ସ କହିଲେ ଯଦି ଗୋଟିଏ ଗ୍ରାମରେ ଜଣେ ବ୍ୟକ୍ତି ପୂଣ୍ୟବାନ ଥାଏ ଓ ସେ ଲୋକମାନଙ୍କୁ ସାହାଯ୍ୟ କରୁଥାଏ ଓ ସେ ନିଜର ଆବେଗ ପ୍ରବଣତାକୁ ଆୟତରେ ରଖି ବିନିତ ହୁଏ ତେବେ ଲୋକମାନେ ଚମତ୍କାର ଭାବେ ତାହାର ଉଦାରତା ତଥା ଆଦର୍ଶଠାରୁ ପ୍ରଭାବିତ ହୋଇଥାନ୍ତି । ଏହା ମଧ୍ୟ ତବ୍‌ଲିଗ୍‌ର ଏକ ମାଧ୍ୟମ ଯେଉଁ ପୂର୍ଣ୍ୟବାନ ବ୍ୟକ୍ତି ଅଲ୍ଲାଃ ତାଲାଙ୍କୁ ଭୟ କରି ପୂର୍ଣ୍ୟତାକୁ ଆପଣାଇ ଥାଏ, ସେହି ବ୍ୟକ୍ତି ମଧ୍ୟରେ ଅଲୌକିକ ଭୟ ବିଦ୍ୟମାନ ଥାଏ ଏବଂ ତାହାର ପ୍ରଭାବ ମନ ଭିତରେ ପଡ଼ିଥାଏ ଯେ ଏହି ବ୍ୟକ୍ତି ହେଉଛି ଅଲ୍ଲାଃ ତାଲାଙ୍କ ପ୍ରେରିତ ଦିବ୍ୟ ଅବତାର ସଦୃଶ । ହଜୁର ଆ:ସ କୁହନ୍ତି ସେହି ବ୍ୟକ୍ତିର କେତେ ଶତ୍ରୁ ଥାଆନ୍ତୁ ନା କାହିଁକି ସେମାନେ ଆସ୍ତେ ଆସ୍ତେ ତା'ର ଅନୁଗାମୀ ପାଲଟି ଯାଆନ୍ତି ଓ ତାକୁ ତିରସ୍କୃତ କରିବା ପରିବେର୍ତ ତା'ର ସମ୍ମାନ ଓ ଆଦର କରନ୍ତି । ହଜୁର ସ:ଆ:ସ କୁହନ୍ତି ଏପରି କଥାଟି ବିରାଟ ସତ୍ୟ ଯେ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ଆଡୁ ଆସିଥାଏ ଅଲ୍ଲାଃ ତାଲା ସେହି ବ୍ୟକ୍ତିକୁ ନିଜର ମହାନତାରେ ତାହାକୁ ଅଂଶିଦାର କରିଥାନ୍ତି ଏବଂ ଏପରି ପନ୍ଥା ହେଉଛି ପୂର୍ଣ୍ୟବାନମାନଙ୍କର । ଅତଃ ମନେରଖ ଯେ ଛୋଟ ଛୋଟ କଥାରେ ନିଜ ଭାଇକୁ କଷ୍ଟ ଦେବା ଉଚିତ ନୁହେଁ । ହଜୁର ସ:ଆ:ସ ସକଳ ଉତମ ଆଚରଣର ପୂର୍ଣ୍ଣକାରୀ ଅଟନ୍ତି ଏବଂ ପରମେଶ୍ୱର ତାଙ୍କୁ ନିଜର ଶେଷ ତଥା ପୂର୍ଣ୍ଣ ଓ ସକଳ ଚରିତ୍ରର ଉପସ୍ଥାପନ କରିବା ନିମନ୍ତେ ପ୍ରେରିତ କରିଥିଲେ । ହଜୁର ଆ:ସ କୁହନ୍ତି ଯଦି ବର୍ତମାନ ସେହିପରି ହିଂସ୍ରତ୍ୱ ପ୍ରବୃତି ରୁହେ ତେବେ ତାହା ଅତ୍ୟନ୍ତ ଦୁଃଖ ଦାୟକ । ତେଣୁ ଅନ୍ୟ ଉପରେ ଆରୋପ ଲଗାଅ ନାହିଁ କାରଣ ବେଳେବେଳେ ମନୁଷ୍ୟ ଅନ୍ୟ ଉପରେ ଦୋଷାରୋପ କରି ସ୍ୱୟମ ସେଥିରେ କବଳିତ ହୋଇଯାଇଥାଏ । ଯେଉଁ ବ୍ୟକ୍ତି ଉପରେ ସେ ଲାଞ୍ଛନା ଲଗାଏ, ଯଦି ପ୍ରକୃତରେ ସେ ଆରୋପି ହୋଇନଥାଏ ଅର୍ଥାତ ତାହା ମଧ୍ୟରେ ସେହି ଦୋଷତ୍ରୁଟି ନଥାଏ ତେବେ ସେ ସ୍ୱୟମ ହିଁ ସେଥିରେ ଗିରଫ ହୋଇଯାଇଥାଏ । କିନ୍ତୁ ଯଦି ପ୍ରକୃତରେ ସେହି ଦୋଷଟି ତା ମଧ୍ୟରେ ଥାଏ ତେବେ ତାହାର ବିଚାର ଅଲ୍ଲାଃ ତାଲା ସ୍ୱୟମ କରିବେ । ତୁମେ ତାହା ଉପରେ କୌଣସି ଲାଞ୍ଛନା ବା ମିଥ୍ୟା ଆରୋପ ଲଗାଇବା ଠିକ୍ ନୁହେଁ । ପୁନଶ୍ଚ ହଜୁର ସ:ଆ:ସ କୁହନ୍ତି କି ଲୋକମାନଙ୍କର ଏହା ଅଭ୍ୟାସ ଯେ ସେମାନେ ଜାଣିଶୁଣି ନିଜ ଭାଇ ଉପରେ ଲାଞ୍ଛନା ଲଗାନ୍ତି ତେଣୁ ଉକ୍ତ କାର୍ଯ୍ୟରୁ ତୁମେ ନିବୃତ ରୁହ ପ୍ରାଣୀଜଗତ ଓ ମାନବଜଗତର ଉପକାର କର ଓ ନିଜ ପତ୍ନୀମାନଙ୍କ ପ୍ରତି ସହାନୁଭୁତି ପଦର୍ଶନ କର । ପଡ଼ୋଶୀମାନଙ୍କ ସହିତ ସଦ୍‌ବ୍ୟବହାର କର ନିଜ ଭାଇମାନଙ୍କ ସହିତ ସୁସମ୍ପର୍କ ତଥା ଉତମ ବ୍ୟହବାର ପ୍ରଦର୍ଶନ କର ଏବଂ ସର୍ବପ୍ରଥମେ ଅନେକଶ୍ୱରବାଦଠାରୁ ଦୁରେଇ ରୁହ । ଏହା ହେଉଛି ଧର୍ମପରାୟଣତାର ପ୍ରଥମ ସୋପାନ" ।

ପୁନଶ୍ଚ ହଜୁର ଆ:ସ କୁହନ୍ତି ଯେ ଧର୍ମପରାୟଣତାର ଅର୍ଥ ଅପକ୍ରମର ସୂକ୍ଷ୍ମତମ ମାର୍ଗରୁ ନିବୃତ ରହିବା କିନ୍ତୁ ମନେରଖ ଜଣେ ବ୍ୟକ୍ତି ଏଭଳି ନିଜର ପ୍ରଶଂସା ଓ ବଡ଼ିମାଗାନ ନ କରୁ ଯେ ମୁଁ ଏତେ ପୂର୍ଣ୍ୟବାନ ବ୍ୟକ୍ତି । ଏହି ପୂର୍ଣ୍ୟବାନ ବ୍ୟକ୍ତି ହେବାପାଇଁ ମୁଁ କାହାରି ଧନସମ୍ପତି ହଡ଼ପ କରିନାହିଁ, କାହା ଘରେ ଚୋରି ଡ଼କାୟତି କରିନାହିଁ, କାହା ଉପରେ ଖରାପ ନଜର ପକାଇନାହିଁ କି କାହା ସହ ବ୍ୟଭିଚାର କରିନାହିଁ । ପୁଣ୍ୟଆତ୍ମା ଓ ଜ୍ଞାନୀଙ୍କ ନିକଟରେ ଏପରି କଥା କହିବା ହାସ୍ୟସ୍ପଦ ହେବ କାରଣ ଉକ୍ତ କଥା କହୁଥିବା ବ୍ୟକ୍ତି ଯଦି ଏପରି କୁକର୍ମ ଅର୍ଥାତ ଚୋରୀ,

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

ଡ଼କାୟତି କରେ ତେବେ ସେ ଦଣ୍ଡିତ ହେବ । ସନ୍ଥମାନଙ୍କ ନିକଟରେ ଏପରି କର୍ମ ପ୍ରଶଂସନୀୟ ନୁହେଁ ବାସ୍ତବିକ ପୂଣ୍ୟ ହେଉଛି ଏହା କି ମାନବତାର ସେବା କର ଓ ଅଲ୍ଲାଃ ତାଲାଙ୍କ ମାର୍ଗରେ ପୂର୍ଣ୍ଣରୂପରେ ସତ୍ୟତା ଓ ଭକ୍ତିଭାବ ପ୍ରଦର୍ଶନ କର ଓ ସେହିମାର୍ଗରେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ରୁହ ତେଣୁ ଅଲ୍ଲାଃ ତାଲା ଏଠାରେ କହିଲେ **ଇନ୍ନଲ୍ଲାହା ମାଅଲ୍ଲଜିନାତ୍ ତକଓ ଓ୍ୱଲ୍ଲଜିନାହୁମ୍ ମୁହ୍‌ସିନୁନ୍** ଅର୍ଥାତ ଯେଉଁମାନେ ଧର୍ମପରାୟଣ ଓ ଯେଉଁମାନେ ସତ୍‌କାର୍ଯ୍ୟ କରନ୍ତି ଓ ଅପକର୍ମଠାରୁ ଦୂରେଇ ରୁହନ୍ତି ବାସ୍ତବରେ ଅଲ୍ଲାଃ ତାଲା ସେମାନଙ୍କ ସହିତ ଥାଆନ୍ତି । ***(ନହଲ୍ : ୧୨୯)*** ତେଣୁ ଭଲଭାବରେ ମନେରଖ ଯେ କେବଳ କୁକର୍ମଠାରୁ ନିବୃତ ରହିବା କୌଣସି ବିଶେଷତାର ଅଧିକାରୀ ନୁହେଁ ଯେପର୍ଯ୍ୟନ୍ତ ତା ସହିତ ପୂଣ୍ୟ ନ କରିଛ ଓ ସେ ପର୍ଯ୍ୟନ୍ତ ସେ ପୂଣ୍ୟବାନ ବ୍ୟକ୍ତିର ପଦବାଚ୍ୟ ହୋଇପାରିବ ନାହିଁ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୪୧-୨୪୨ ଏଡ଼ିଶନ୍ ୧୯୮୪)***

ହଜୁର ସ:ଆ:ସ କୁହନ୍ତି ନିଃସନ୍ଦେହ ଏହା ମନେରଖ ଯେ ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ ଆଣିବା ହିଁ ପ୍ରତ୍ୟେକ ପୂଣ୍ୟ ଓ ପବିତ୍ରତାର ମୂଳ ଅଟେ । ତେଣୁ ମନୁଷ୍ୟ ମଧ୍ୟରେ ଯେଉଁଭଳି ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ ଦୁର୍ବଳ ହୋଇଥାଏ ସେହିପରି ସୁକର୍ମରେ ଦୁର୍ବଳତା ଓ ଆଳସ୍ୟତା ପରିଲକ୍ଷିତ ହୋଇଥାଏ । କିନ୍ତୁ ଯେତେବେଳେ ଅଲ୍ଲାଃ ତାଲାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସୁଦୃଢ଼ ହୋଇଥାଏ ସେତେବେଳେ କାର୍ଯ୍ୟକଳାପରେ ମଧ୍ୟ ସୌନ୍ଦର୍ଯ୍ୟ ପରିଲକ୍ଷିତ ହୋଇଥାଏ । ଯେତେବେଳେ ବିଶ୍ୱାସ ସୁଦୃଢ଼ ହୁଏ ଏବଂ ଅଲ୍ଲାଃ ତାଲା ତାଙ୍କ ସମସ୍ତ ସିଫାତ୍ ଅର୍ଥାତ ସୁଗୁଣ ଉପରେ ପୂର୍ଣ୍ଣ ବିଶ୍ୱାସ ସୃଷ୍ଟି ହୋଇଯାଏ ସେତେବେଳ ମନୁଷ୍ୟର କର୍ମକ୍ଷେତ୍ରରେ ଏକ ଅଭୁତପୂର୍ଣ୍ଣ ପରିବର୍ତନା ପରିଲକ୍ଷିତ ହୁଏ । ଅଲ୍ଲାଃ ତାଲାଙ୍କ ବିଶ୍ୱାସଧାରୀ ପାପ କରିବାକୁ କେବେ ହେଲେ ସମର୍ଥ ହୋଇପାରନ୍ତି ନାହିଁ କାରଣ ଅଲ୍ଲାଃ ତାଲାଙ୍କର ବିଶ୍ୱାସ ତାହାର କାମନା ମୁଳକ ପବୃତି ଓ ପାପର ଅଙ୍ଗପ୍ରତ୍ୟେଙ୍ଗକୁ କାଟି ଦେଇଥାଏ । ହଜୁର ଆ:ସ କୁହନ୍ତି ଯଦି ଜଣେ ବ୍ୟକ୍ତିର ଆଖି ପିତୁଳା କାଢ଼ିନିଆଯାଏ ତେବେ ସେହି ବ୍ୟକ୍ତି କଣ ନିଜ ଚକ୍ଷୁ ସାହାଯ୍ୟରେ ଅନ୍ୟ ଉପେର କୁଦୃଷ୍ଟି ପକେଇ ପାରିବ ? ସେହିପରି ଯଦି ଜଣେ ବ୍ୟକ୍ତିର ହସ୍ତ ଛେଦନ କରାଯାଏ ତେବେ ସେହି ବ୍ୟକ୍ତି କିଭଳି ଭାବେ ସେ ହସ୍ତଦ୍ୱାରା ପାପ କରିବ ଓ ଅନ୍ୟ ଅଙ୍ଗପ୍ରତ୍ୟେଙ୍ଗ ସହ ଯଡ଼ିତ କିପରି ପାପ କରିପାରିବ । ଠିକ୍ ସେହିପରି ଭାବରେ ଯେବେ ଜଣେ ବ୍ୟକ୍ତି ପ୍ରଶାନ୍ତ ଆତ୍ମାର ଅବସ୍ଥାରେ ଉପନିତ ହୁଏ ସେତେବେଳେ ପ୍ରଶାନ୍ତ ଆତ୍ମା ତାକୁ ଅନ୍ଧ କରିଦେଇଥାଏ । ଅର୍ଥାତ ତାହାର ଚକ୍ଷୁ ମଧ୍ୟରେ ପାପ ର କୌଣସି ଶକ୍ତି ରହିନଥାଏ । ସେ ଦେଖିଥାଏ କିନ୍ତୁ ଅଣଦେଖା କରି ରହିଥାଏ । କାରଣ ତାର କାମନା ଓ ବାସନା ପୂର୍ଣ୍ଣ ଦୃଷ୍ଟିର ପାପ ଛିନ୍ନ ହୋଇଯାଇଥାଏ । ତାର କର୍ଣ୍ଣ ଥାଏ ହେଲେ ସେ ବଧିର ପାଲଟିଯାଇଥାଏ ଓ ସେ କୌଣସି ଭୁଲ୍ କଥା ଶୁଣିନଥାଏ ଏବଂ ସେହି କଥାଗୁଡ଼ିକ ଯାହାକି ପାପ ସମ୍ପର୍କିତ ହୋଇଥାଏ ତାହାକୁ ସେ ଶୁଣିନଥାଏ । ତାହାର ସମସ୍ତ ଶକ୍ତି ଉପରେ ଯାହା ଦ୍ୱାରା ପାପ ହେବାର ଆଶଙ୍କା ରହିଥାଏ ତାହା ଉପରେ ଏକ ମୃତ୍ୟୁ ଆସିଯାଇଥାଏ । ସେ ସମ୍ପୂର୍ଣ୍ଣରୁପେ ଏକ ଶବ ପାଲଟିଯାଇଥାଏ । ଅଲ୍ଲାଃ ତାଲାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିଥାଏ । ସେହି ଶବ ଅଲ୍ଲାଃ ତାଲାଙ୍କ ଆଜ୍ଞା ବ୍ୟତିତ ପାଦେ ମଧ୍ୟ ଆଗକୁ ବଢ଼ିପାରିନଥାଏ । ଏହା ହେଉଛି ସେହି ଅବସ୍ଥା ଯେତେବେଳେ ଜଣେ ବିଶ୍ୱାସକାରୀର ଅଲ୍ଲାଃ ତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ ହୋଇଥାଏ । ଯାହାର ପରିଣାମ ଏହା ହୋଇଥାଏ ଯେ ପୂର୍ଣ୍ଣ ପ୍ରଶାନ୍ତ ତାହାକୁ ପ୍ରଦାନ କରାଯାଇଥାଏ । ହଜୁର ଆ:ସ କୁହନ୍ତି ଏହା ହିଁ ସେ ଅବସ୍ଥା ଯାହା ମନୁଷ୍ୟର ପ୍ରକୃତ ଲକ୍ଷସ୍ଥଳ ହେବା ଉଚିତ । ହଜୁର ଆ:ସ ଏ ସମ୍ପର୍କରେ ନିଜ ଯମାତ୍‌କୁ ଉପଦେଶ ଦେଇ କୁହନ୍ତି କି ଆମ ଯମାତ୍ ନିମନ୍ତେ ଏହା ଉଚିତ ଯେ ସେମାନେ ପୂର୍ଣ୍ଣ ପ୍ରଶାନ୍ତ ପ୍ରାପ୍ତ କରିବାପାଇଁ ହେଲେ ପୂର୍ଣ୍ଣ ବିଶ୍ୱାସର ଆବଶ୍ୟକତା ରହିଛି । ସୁତରାଂ ଆମ ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତିର କର୍ତବ୍ୟ ଯେ, ସେମାନେ ଅଲ୍ଲାଃ ତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରନ୍ତୁ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୪୪, ୨୪୫)***

ପୁନଶ୍ଚ ହଜୁର ସ:ଆ:ସ କୁହନ୍ତି ଯେପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ ଉପରେ ପୂର୍ଣ୍ଣବିଶ୍ୱାସ ସ୍ଥାପନ କରାଯାଇନାହିଁ, ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ପୁଣ୍ୟବାନ ହୋଇପାରିବ ନାହିଁ । ଯେତେବେଳେ କାକୁତିମିନତି ତଥା ବିନମ୍ରତା ସହ ତାର ଆତ୍ମା ଅଲ୍ଲାଃ ତାଲାଙ୍କ ଦ୍ୱାରରେ ନଇଁ ପଡ଼ିଥାଏ ସେତେବେଳ ଅଲ୍ଲାଃ ତାଲା ତାହାର ପ୍ରାର୍ଥନାକୁ ସ୍ୱୀକାର କରିଥାନ୍ତି ଏବଂ ସେ ଧର୍ମପରାୟଣ ହୋଇଥାଏ ଏବଂ ସେତେବେଳେ ସେ ଏଥିପାଇଁ ଯୋଗ୍ୟ ବିବେଚିତ ହେବ ଯେ, ହଜୁର ସ:ଆ:ସ ଧର୍ମକୁ ହୃଦୟଙ୍ଗମ କରିବାକୁ ସକ୍ଷମ ହୋଇପାରିବ ଏବଂ ଏହାକୁ ବାଦ୍ ଦେଲେ ଯେଉଁମାନେ ଧର୍ମର ଦ୍ୱାହି ଦିଅନ୍ତି ଓ କପଟ ତଥା ଦେଖାଣିଆ ଉପାସନା କରନ୍ତି ସେମାନଙ୍କର ଏହି ଉପାସନା ଓ ଧର୍ମର ଦ୍ୱାହି ଦେବା ଏକ ପ୍ରକାର ଔପଚାରିକ କାର୍ଯ୍ୟ ଓ ପରମ୍ପରାଗତ ମାନସିକତା ଅଟେ । ଯାହାକି ପୂର୍ବଜମାନାଙ୍କୁ ଅନୁକରଣ କରି ଏପରି ପ୍ରଥା ପ୍ରଚଳନ କରାଯାଉଅଛି । ଯେଉଁଥିରେ କୌଣସି ବାସ୍ତବିକତା ଓ ଆଧ୍ୟାତ୍ମିକତା ନାହିଁ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୨୮ ଏଡ଼ିଶନ୍ ୧୯୮୪)***

ତେଣୁ ଏହା ଧର୍ମପରାୟଣତାର ସେହି ମାର୍ଗ ଯାହା ଦ୍ୱାରା ଆମେମାନେ ଧର୍ମକୁ ବୁଝିବା ଓ ଜାଣିବା ଓ ବ୍ୟବହାରିକ ମାନଦଣ୍ଡ ବା ସ୍ତର, ଯାହାକୁ ହାସଲ କରିବାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମର ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ ଯାହାପାଇଁ ଆମକୁ ଚେଷ୍ଟା କରିବା ଉଚିତ ଏବଂ ନିଜର କର୍ମକୁ ସାଙ୍ଗରେ ଘେନୀ ଅଲ୍ଲାଃ ତାଲାଙ୍କ ନିକଟରେ ବିନମ୍ରତା ସହ ତଥା ଆକୁଳ ନତମସ୍ତକ ହୋଇ ତାଙ୍କ ସାହାଯ୍ୟ ବିକ୍ଷା କରିବା ଉଚିତ ଯେ ହେ ପ୍ରଭୁ ଆମକୁ ଉକ୍ତ ମାନଦଣ୍ଡକୁ ପ୍ରାପ୍ତ କରିବାପାଇଁ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆକାଂକ୍ଷାକୁ ପୂର୍ଣ୍ଣ କରିବାପାଇଁ ସାମର୍ଥ୍ୟ ପ୍ରଦାନ କର ଏବଂ ଏହା ହିଁ ଧର୍ମପରାୟଣତା ଯାହାକି ପରବର୍ତୀ ଆୟତରେ ବର୍ଣ୍ଣିତ ହୋଇଛି । ଯାହା ରୋଜା ସମ୍ବନ୍ଧରେ ବର୍ଣ୍ଣିତ ରହିଛି ଓ ସେଥିରେ ଯେଉଁ ରିହାତି ଦିଆଯାଇଛି ତାହାର ସଠିକ୍ ବ୍ୟବହାର ପାଇ ସେ ସାମର୍ଥ୍ୟ ଦେଇଥାଏ । ଅଲ୍ଲାଃ ତାଲା ପ୍ରତ୍ୟେକ ମନୁଷ୍ୟକୁ ତାହାର ଅବସ୍ଥା ଉପରେ ଛାଡ଼ିଦେଇଛନ୍ତି କିନ୍ତୁ ଏଥିସହ ସର୍ତ ରଖିଛନ୍ତି ଯେ ପ୍ରଥମେ ଧର୍ମପରାୟଣତାକୁ ବିନିଯୋଗ କରାଯାଉ ଯଦି ରୋଜ ରଖିବାର ସାମର୍ଥ୍ୟ ନାହିଁ କିମ୍ବା ଏଭଳି ରୋଗ ରହିଛି ଯହିଁରେ ଓଷା ରଖିବା ଦ୍ୱାରା ଅସୁବିଧା ହେବ ଯାହାକି ଏପରି ରୋଗବ୍ୟାଧି ଯାହା ସମ୍ପର୍କରେ ଡ଼ାକ୍ତର ପରାମର୍ଶ ଦେଇଥାନ୍ତି ଯେ ତୁମେ ଓଷା ରଖିବା ଉଚିତ ନୁହେଁ ତେବେ ସେ ପରିସ୍ଥିତିରେ ତୁମେ ଫିଦିଆ ଦିଅ କିନ୍ତୁ କୌଣସି ବାହାନା ଖୋଜି ଫିଦିଆର ଔଚିତ୍ୟତା ସୃଷ୍ଟି କରନାହିଁ । ବରଂ ହଜୁର ସ:ଆ:ସ କୁହନ୍ତି ପୂଣ୍ୟକାର୍ଯ୍ୟ କରିବା ନିମନ୍ତେ ଆଜ୍ଞାନୁବର୍ତିତାର ଆବଶ୍ୟକ ରହିଛି । ଏହା ଦେଖିବା ଉଚିତ ଯେ ଅଲ୍ଲାଃ ତାଲା କେଉଁଭଳି ଉକ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ତେଣୁ ଯଦି କୌଣସି ବ୍ୟକ୍ତି ଧର୍ମପରାୟଣ ମାର୍ଗରେ ପରିଚାଳିତ ହୋଇ ନିଜକୁ ଅନୁଧ୍ୟାନ କରେ ତେବେ ସେ ଏହା ହୃଦୟଙ୍ଗମ କରିପାରିବ ଯେ ଓଷା ରଖିବା ଶ୍ରେୟସ୍କର କି ଫିଦିଆ ଦେବା ଶ୍ରେୟସ୍କର । କାରଣ ଫିଦିଆ ଏକ ଅସ୍ଥାୟି ସମାଧାନ ଅଟେ । ଅଲ୍ଲାଃ ତାଲା ଆଗକୁ ଆହୁରି ଅଧିକ ବର୍ଣ୍ଣନା କରି କୁହନ୍ତି । ତୁମମାନଙ୍କ ମଧ୍ୟରୁ ଯେଉଁବ୍ୟକ୍ତି ଏହି ମାସରେ ରୋଗରେ ପିଡ଼ୀତଥାନ୍ତି ବା ଯାତ୍ରା କରୁଥାନ୍ତି ତାହାକୁ ଅନ୍ୟ ଦିନମାନଙ୍କରେ ଏହି ସଂଖ୍ୟା ପୂରଣ କରିବାକୁ ହେବ । ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ସହଜ ସରଳ କାମାନ କରନ୍ତି ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ । ତୁମେମାନେ କଠିନତାକୁ ରକ୍ଷାପାଇବା ପାଇଁ ସେ ଏହି ଆଦେଶ ଦେଇଛନ୍ତି ଯଦ୍ୱାରା ତୁମେମାନେ ନିର୍ଦ୍ଦିଷ୍ଟ ସଂଖ୍ୟା ପୁରଣ କରିପାରିବ ଏବଂ ଅଲ୍ଲାଃ ତାଲା ତୁମମାନଙ୍କୁ ସତ୍‌ପଥ୍ ଦେଖାଇ ଥିବାରୁ ତାଙ୍କର ମହିମାଗାନ କର ଫଳରେ ତୁମେମାନେ ତାଙ୍କ ନିକଟରେ କୃତଜ୍ଞ ବିବେଚିତ ହେବ । ତେଣୁ ଯେତେବେଳେ ତୁମମାନଙ୍କର ଏହି ରୋଗ ଦୁରିଭୁତ ହୋଇଯାଇଥାଏ ଏବଂ ସେତେବେଳେ ତୁମେ ଛାଡ଼ି ଯାଇଥିବା ରୋଜାଗୁଡ଼ିକୁ ପୁରଣ କର ଏବଂ ଯାତ୍ରା ବେଳେ ତୁମର ଛାଡ଼ି ଯାଇଥିବା ରୋଜାଗୁଡ଼ିକ ପୂରଣ କର ଏହା ବଦଳରେ ଯଦିଚ ତୁମେ ଫିଦିଆ ଦେଇସାରିଥାଅ । ସୁତରାଂ କଥାଟା ଘୁରିଯାଇ ପୁଣି ସେହି କେନ୍ଦ୍ରସ୍ଥଳକୁ ଫେରିଆସୁଛି ଯେ ଧର୍ମପରାୟଣତାକୁ ଅବଲମ୍ବନ କରିବା ଉଚିତ ଅଲ୍ଲାଃ ତାଲାଙ୍କୁ ଭୟ ଓ ତାଙ୍କ ଆଦେଶ କୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ । ଯେ ଅଲ୍ଲାଃ ତାଲା ଆମର ଅବସ୍ଥା ସମ୍ପର୍କରେ ଅବଗତ ଅଛନ୍ତି ତଦାନୁଯାୟୀ ନିଷ୍ପତି ନେବା ଉଚିତ । ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କଲେ ସେ ସଠିକ୍ ପରିସ୍ଥିତି ସୃଷ୍ଟି କରିବେ ଏବଂ ଉତମ ପରିଣାମ ମଧ୍ୟ ସୃଷ୍ଟି କରିବେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଯେଉଁ ବ୍ୟକ୍ତି ଏଥିରେ ଖୁସି ହୋଇଯାଇଥାଏ ଯେ, ରମ୍‌ଜାନ ମାସ ଆସିଗଲା ଏବଂ ମୁଁ ଏହି ସମୟକୁ ଅପେକ୍ଷା କରି ରହିଥିଲି କି ଏହି ମାସରେ ମୁଁ ରୋଜା ରଖିବି ଏବଂ ରୋଗଗ୍ରସ୍ତ ଥିବା ଯୋଗୁଁ ଗତବର୍ଷ ମୁଁ ଯେଉଁ ରୋଜା ରଖିପାରିନଥିଲି, ତେବେ ଆକାଶଲୋକରୁ ସେହି ବ୍ୟକ୍ତି ରୋଜାରୁ ବଂଚିତ ହେବନାହିଁ ଅର୍ଥାତ ତା'ର ରୋଜା ସ୍ୱୀକୃତି ହେବ । ହଜୁର ସ:ଆ:ସ କୁହନ୍ତି ସଂସାରରେ ଏପରି ଅନେକ ଲୋକଅଛନ୍ତି ଯେଉଁମାନେ ବାହାନା କରନ୍ତି ଏବଂ ଭାବନ୍ତି ଯେ ଆମେମାନେ ସାଂସାରିକ ବ୍ୟକ୍ତିମାନଙ୍କୁ ଯେଉଭଳି ଧୋକା ଦେଉଛୁ ସେହିପରି ଅଲ୍ଲାଃ ତାଲାଙ୍କୁ ମଧ୍ୟ ଧୋକା ଦେଇଦେବୁ । ବାହାନା କରୁଥିବା ବ୍ୟକ୍ତି ନିଜ ମନରୁ ସ୍ୱୟମଂ କୌଣସି ବାହାନା ଓ ଉପାୟ ଖୋଜି ବାହାରି କରିଦେଇଥାଏ ତାହାକୁ ସଠିକ୍ ରୁପେ ପୁର୍ନାବୃତି କରିଥାଏ, ମଝିରେ କୌଣସି ଆଡ଼ମ୍ବରତା ସାମିଲ କରିନେଲେ ଏହା ହୋଇଗଲା କି ତାହା ହୋଇଗଲା ଏବଂ ସେମାନେ ଏହା ଭାବନ୍ତି ଯେ ତାଙ୍କର ରୋଜା ଛାଡ଼ିବାର ଉପଯୁକ୍ତ କାରଣ ଦର୍ଶାଯାଇଛି । କିନ୍ତୁ ବାସ୍ତବରେ ତାହା ଅଲ୍ଲାଃ ତାଲାଙ୍କ ନିକଟରେ ସଠିକ୍ ନୁହେଁ । ସୁତରାଂ ହଜୁର ସ:ଆ:ସ ଆଡ଼ମ୍ବରତା ସମ୍ପର୍କରେ କହିଲେ ଯେ ଆଡ଼ମ୍ବରତାର ଅନେକ ଅଧ୍ୟାୟ ରହିଛି ସେଥିମଧ୍ୟରୁ ଗୋଟିଏ କୌଣସି ବାହାନା ବାହାର କରାଯାଇ ତେବେ ମନୁଷ୍ୟ କ୍ରମାଗତ ଭାବେ ବାହାନା କରିଚାଲିଥାଏ କି ଏମିତି ହୋଇଗଲା ସେମିତି ହୋଇଗଲା । ହଜୁର ସ:ଆ:ସ କହିଲେ କି ଯଦି ମନୁଷ୍ୟ ଏହିପରି ବାହାନାକୁ ଆଳ କରେ ତେବେ ସେ ଆଜୀବନ ବସି ନମାଜ ପାଠ କରୁଥାଉ ଓ ରମ୍‌ଜାନ୍‌ର ରୋଜା କଦାପି ନରଖୁ କିଛି ଲାଭ ନାହିଁ । କିନ୍ତୁ ଅଲ୍ଲାଃ ତାଲା ସେହି ବ୍ୟକ୍ତିର ଅର୍ନ୍ତନିହିତ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ଅଟନ୍ତି କାରଣ ଅଲ୍ଲାଃ ତାଲା ସର୍ବଜ୍ଞ ଓ ତତ୍ୱଜ୍ଞ ସେ ପାତାଳପୁର ପର୍ଯ୍ୟନ୍ତ କଥା ଜାଣନ୍ତି ତେଣୁ ସେ ଆମର ଅନ୍ତର୍ନିହିତ ଉଦ୍ଦେଶ୍ୟ ସହ ଅବଗତ ଓ ଆମମାନଙ୍କ ସଂକଳ୍ପକୁ ମଧ୍ୟ ଜାଣନ୍ତି ସୁତରାଂ ଯେଉଁବ୍ୟକ୍ତି ମନ ଭିତରେ ନିଷ୍ଠା ଓ ସତ୍ୟତା ତଥା ସଚ୍ଚୋଟତା ରଖିଥାଏ, ଅଲ୍ଲାଃ ତାଲା ତଦନୁଯାୟୀ ତାହା ସହିତ ବ୍ୟବହାର ପଦର୍ଶନ କରିଥାନ୍ତି କାରଣ ଅଲ୍ଲାଃ ତାଲା ତାକୁ ଜାଣନ୍ତି ଯେ, ମନରେ ତାହାର କି ପ୍ରକାରର ମନୋଭାବ ରହିଛି କି ସେ ଆଳ କରୁଛି । କାରଣ ହୃଦୟରେ ସମ୍ବେଦନା ଏକ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଅଟେ । ବାହାନା କରୁଥିବା ବ୍ୟକ୍ତି ଅନେକ ସ୍ୱଷ୍ଟିକରଣ ଉପରେ ଭରସା କରନ୍ତି କିନ୍ତୁ ଅଲ୍ଲାଃ ତାଲାଙ୍କ ନିକଟରେ ଏପରି ଭରସା ମୂଲ୍ୟହୀନ ଅଟେ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୫୯-୨୬୦)***

ସୁତରାଂ ଆମମାନଙ୍କର ନିଜ ସମ୍ମୁଖରେ ଏହି ନିତି ଓ ଆଦର୍ଶକୁ ରଖିବା ଉଚିତ ଯାହା ଅଲ୍ଲାଃ ତାଲା ସ୍ୱଷ୍ଟ କରିଛନ୍ତି ଯେ ଯେଉଁ

ବ୍ୟକ୍ତି ଯାତ୍ରୀ ଅବା ରୋଗରେ ପିଡ଼ୀତ ଅଟେ ତା ପାଇଁ କୌଣସି କଠିନତା ନାହିଁ । ସେ ପରେ ନିଜ ଛାଡ଼ିଯାଇଥିବା ରୋଜାକୁ ପୂରଣ କରୁ କିନ୍ତୁ ଏଥିସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଏହିପରି ପରିସ୍ଥିତିରେ ବି ତୁମେ ଫିଦିଆ ଦିଅ କାରଣ ଏହା ଦ୍ୱାରା ତୁମପାଇଁ ରୋଜା ରଖିବାପାଇଁ ସାମର୍ଥ୍ୟ ଲାଭ ହେବ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୫୮)***

ଲୋକେମାନେ ଆଜିକାଲି ଏହି କରୋନା ସଂକ୍ରମଣ ଯୋଗୁଁ ମତେ ପ୍ରଶ୍ନ କରୁଛନ୍ତି ଯଦି ତଂଟି ସୁଖିଯାଏ କିମ୍ବା ରୋଗର ଆଶଙ୍କା ଦେଖାଦିଏ ତେବେ ଆମେ ରୋଜା ରଖିବୁ କି ନାହିଁ? ତେଣୁ ମୁଁ ଏ ସଂକ୍ରାନ୍ତରେ କୌଣସି ସର୍ବସାଧାରଣରୂପେ ରାୟ ଦେବିନାହିଁ ମୁଁ ଏ ସଂକ୍ରାନ୍ତରେ ମାତ୍ର ଏତିକି କହିବି କି ତୁମେମାନେ ନିଜ ଅବସ୍ଥାକୁ ନିଜେ ନିରୀକ୍ଷଣ କର ଓ ନିଜେ ନିଷ୍ପତି ନିଅ ଏବଂ ନିର୍ମଳ ହୃଦୟ ହୋଇ ଧର୍ମପରାୟଣତା ମାର୍ଗରେ ଅବିଚଳିତ ହୋଇ ନିଜ ମନକୁ ପ୍ରଶ୍ନ କରି କୌଣସି ନିଷ୍ପତି ନିଅ । କାରଣ କୁରାନ୍ କରିମ୍‌ରେ ତ ସ୍ପଷ୍ଟ ନିର୍ଦ୍ଦେଶ ରହିଛି କି ଯଦି ତୁମେ ରୋଗି କିମ୍ବା ଯାତ୍ରୀ ତେବେ ରୋଜା ରଖନାହିଁ । ରୋଗୀ ହୋଇଯିବାର ଆଶଙ୍କା କରି ରୋଜା ନ ରଖିବା ଭୁଲ ହେବ । ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୂର୍ବରୁ କହିଛନ୍ତି ଯେ ଗୋଟିଏ ବାହାନାକୁ କରିବାକୁ ଯାଇ ଅନ୍ୟ ବାହାନା ବାହାରିଥାଏ ସେହିପରି କ୍ରମାଗତ ଭାବରେ ବାହାନା ବାହାରିଚାଲିଥାଏ ଯଦି କୌଣସି ବ୍ୟକ୍ତି ଏହା କୁହେ କି ଡ଼ାକ୍ତରମାନେ କହିଛନ୍ତି ଯେ ଯଦି ତୁମେ ରୋଜା ରଖ ତେବେ ତମର ଅସୁବିଧା ହେବ । ତେବେ ଏ ସଂକ୍ରାନ୍ତରେ ବିଭିନ୍ନ ବିଶେଷଜ୍ଞ ଡ଼ାକ୍ତରଙ୍କ ସହ ପରାମର୍ଶ କରିଛି ସେମାନେ ମଧ୍ୟ ଭିନ୍ନ ମତ ପ୍ରକାଶ କରିଛନ୍ତି । କେତେକ ବିଶେଷଜ୍ଞ ଡ଼ାକ୍ତର ଲେଖିଛନ୍ତି ଯେ ଏହା କୌଣସି ସୁନିଶ୍ଚିତ କଥା ନୁହେଁ ଯେ ରୋଜା ରଖିବା ଦ୍ୱାରା ରୋଗ ହୋଇଯିବ ହଁ ଯଦି ରୋଗର ଲକ୍ଷଣ ତୁମ ନିକଟରେ ଦେଖାଯାଏ ଉଦାହାରଣ ସ୍ୱରୁପ ଥଣ୍ଡା, କାଶ ସାମାନ୍ୟ ଜ୍ୱର ହୁଏ ତେବେ ରୋଜା ଛାଡ଼ି ଦିଅନ୍ତୁ । ଏପରି କୌଣସି ଲକ୍ଷଣ ଦେଖାଦେଲେ ଆପଣ ରୋଜ ରଖନ୍ତୁ ନାହିଁ ଏବଂ ଯଦି ରଖିଛନ୍ତି ତେବେ ରୋଜା ଭାଙ୍ଗି ଦିଅନ୍ତୁ ତେଣୁ ଯେଉଁ ଡ଼ାକ୍ତରମାନେ ଏଇ କଥାରେ ରୁଚି ରଖନ୍ତି କି ରୋଜା ରଖିବା ଅନୁଚିତ କିମ୍ବା ଏଭଳି କେତେକ ସର୍ତାବଳୀ ଲାଗୁ କରନ୍ତି ଯାହାର ଏହା ପରିଣାମ ବାହାରେ ଯେ ମୁଁ ରୋଜା ନ ରଖିଲେ ଭଲ ହେବ, ତେଣୁ ମୁଁ କହି ରଖୁଛି କି ସେମାନଙ୍କର ଏହି ରାୟ ମଧ୍ୟ ସ୍ପଷ୍ଟ ରାୟ ନୁହେଁ । କାରଣ ସେମାନେ ରୋଗୀଙ୍କୁ ବହୁତ ହାଇପର କରିଦିଅନ୍ତି ଏବଂ ଏହା ମଧ୍ୟ କୁହନ୍ତି ଯେ ଆପଣ ନିଜର ଖିଆପିଆର ଯତ୍ନ ନିଅନ୍ତୁ ତା'ପରେ ଯାଇ ରୋଜା ରଖନ୍ତୁ ବର୍ତମାନ ଯେଉଁମାନେ ଗରୀବ ଲୋକ ଅଟନ୍ତି ସେମାନେ କିପରି ଓ କେଉଁ ବସ୍ତୁର ଧ୍ୟାନ ରଖିବେ ।

ତେବେ ସେ ଯାହା ହେଉ ନା କାହିଁକି ବିଭିନ୍ନ ପ୍ରକାରର ମତକୁ ଆଖି ଆଗରେ ରଖି ଏହି ରାୟ ପ୍ରତିଷ୍ଠା ହେଉଛି ଯେ, ରୋଜା ରଖିବାରେ କୌଣସି ଆପତି ନାହିଁ ହଁ ଯଦି ଉପରକ୍ତ ବର୍ଣ୍ଣିତ ସାମାନ୍ୟ ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ରୋଜାରୁ ନିବୃତ ରହିବା ଉଚିତ କିନ୍ତୁ କେତେକ ଲୋକଙ୍କର ଏହି ଚିନ୍ତାଧାରା ରହିଛି କି ଯେଉଁ ଘରେ ରୋଗ ଅଛି ଏବଂ ସେହି ବ୍ୟକ୍ତି ସ୍ୱୟମଂ ସ୍ୱାସ୍ଥ୍ୟବାନ ହେବା ସତ୍ୱେ ମଧ୍ୟ ବି ରୋଜା ରଖେ ନାହିଁ । ତେଣୁ ଅନ୍ୟ ଡ଼ାକ୍ତରଙ୍କ ଏ ରାୟ ରହିଛି କି ଏହାର କୌଣସି ଔଚିତ୍ୟତା ନାହିଁ । ସେ ଯାହା ହେଉ ନା କାହିଁକି ରୋଜା ରଖିବା ଓ ଖୋଲିବା ସମୟରେ ପ୍ରଚୁର ପରିମାଣରେ ଜଳ ବ୍ୟବହାର କରିବା ଉଚିତ ଏବଂ ଯେଉଁ ବ୍ୟକ୍ତିମାନେ ଅଧିକ ଚିନ୍ତା କରୁଛନ୍ତି ଏବଂ ମଧ୍ୟ Afford କରିପାରୁଛନ୍ତି ତେବେ ସେମାନେ ନିଜ କ୍ଷେତ୍ରରେ ଏହା କରନ୍ତୁ କି ଏପରି ପାନୀୟ ଖାଦ୍ୟ ଖାଆନ୍ତୁ ଯାହାକି ଶରୀରକୁ ଅଧିକରୁ ଅଧିକ ଜଳ ପ୍ରଦାନ କରୁଥିବ । ସେ ଯାହା ହେଉ ନା କାହିଁକି ଯେତେବେଳେ ଡ଼ାକ୍ତରମାନଙ୍କର ମତ ଓ ପରାମର୍ଶରେ ଭିନ୍ନତା ରହିଛି ଯେଉଁଥିରେ ଆମେରୀକାର ଡ଼ାକ୍ତରମାନେ ମଧ୍ୟ ସାମିଲ ଅଛନ୍ତି, ଜର୍ମାନୀର ଡ଼ାକ୍ତରମାନେ ମଧ୍ୟ ସାମିଲ ଅଛନ୍ତି ଏବଂ ଏଠାକାର ସ୍ଥାନୀୟ ଅର୍ଥାତ ଲଣ୍ଡନର ଡ଼ାକ୍ତରମାନେ ଅର୍ନ୍ତଭୁକ୍ତ ଅଛନ୍ତି ତେବେ ଅକାରଣରେ ରୋଜା ଛାଡ଼ିବା ଉଚିତ ନୁହେଁ । ଯଦି ଆମେ ଏଭଳି ଆଚରଣ ପ୍ରଦର୍ଶନ କରୁ ତେବେ ଆମେମାନେ ସେହି ବର୍ଗରେ ଅର୍ନ୍ତଭୁକ୍ତ ହୋଇଯିବା ଯାହା ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି କିପରି ଲୋକମାନେ ରୋଜା ରଖିବାରେ ବାହାନା କରିଥାନ୍ତି ହଁ ସତର୍କତା ବିଧେୟ ଅଟେ ଯେଉଁମାନେ କମ୍ ମାତ୍ରାରେ ଜଳପାନ କରନ୍ତି ସେମାନଙ୍କ ଶରୀରରେ ଜଳାଭାବ ପରି ସଙ୍କଟ ଦେଖାଦେଇଥାଏ ସେମାନେ ସାମାନ୍ୟ ପରିସ୍ଥିତିରେ ରୋଜା ତ ରଖନ୍ତି କିନ୍ତୁ ସେମାନେ ସେହି ସାମାନ୍ୟ ପରିସ୍ଥିତିରେ ମଧ୍ୟ ସଠିକ୍ ମାତ୍ରାରେ ଜଳପାନ କରନ୍ତି ନାହିଁ ଯାହା ଫଳରେ କି ସେମାନଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଇଥାଏ ।

ଆମର ଚୌଧୁରୀ ନଜିର୍ ସାହେବ୍ ନାମକ ଜଣେ ଗୁରୁଜନ ଥିଲେ ସେ ପୁରା ଦିନ ପାଣି ନ ପିଇ ଘୂରିବୁଲିଥାନ୍ତି ଏବଂ ଯେତେବେଳେ ଆମେମାନେ ପାଣି ପିଇବାକୁ ଆସିଥାଉ ସେତେବେଳେ ଆମେ ପାଣି ଆଡ଼କୁ ଝାମ୍ପିବାପାଇଁ ଉଦ୍ୟମ କରୁଥିଲୁ । କିନ୍ତୁ ମୁଁ ତାଙ୍କୁ ଅନେକଥର ପଚାରିଲି ସେ ଉତର ଦେଲେ ମତେ Requirment କମ ହୋଇଥାଏ । ସେ ଯାହା ହେଉ ନା କାହିଁକି ବିଭିନ୍ନ ସ୍ୱଭାବର ବ୍ୟକ୍ତି ରହିଛନ୍ତି । ତେଣୁ ଏଭଳି ପରିସ୍ଥିତିରେ ଯଥାସମ୍ଭବ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ସେ ଯାହା ହେଉ ନା କାହିଁକି ଏହା ନିଜ ନିଜର ଅବସ୍ଥା ଓ ସ୍ୱଭାବକୁ ଦେଖି ପ୍ରତ୍ୟେକ ବ୍ୟକ୍ତି ନିଜର ବିବେକ ମୋଦିତ ଉତର ତଥା ନିଷ୍ପତି ନେବା ଉଚିତ ଏହା ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ତାଙ୍କର ସାହାଯ୍ୟ ଭିକ୍ଷା କରି ରୋଜା ରଖିବାପାଇଁ ଏବଂ ଏହି ଦିନମାନଙ୍କରେ ଅଧିକରୁ ଅଧିକ ଦୁଆ କରନ୍ତୁ ଅଲ୍ଲାଃ ତାଲା ମନୁଷ୍ୟମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ସେମାନେ ଅଲ୍ଲାଃ ତାଲାଙ୍କୁ ଚିହ୍ନନ୍ତୁ ସେମାନେ ଶିଘ୍ର ଅତି ଶିଘ୍ର ଉକ୍ତ ସଂକ୍ରମଣ ରୋଗରୁ ସଂସାରରୁକୁ ମୁକ୍ତ କରନ୍ତୁ ଏବଂ ଏ ସଂସାରବାସୀଙ୍କ ଉପରେ ଦୟା କରନ୍ତୁ ଓ ଆମେ ଅହେମଦୀମାନେ ମଧ୍ୟ ଅଲ୍ଲାଃ ଓ ତାହାର ଭକ୍ତଙ୍କ କର୍ତବ୍ୟ ଧର୍ମପରାୟଣତା ମାର୍ଗରେ ପ୍ରତିଷ୍ଠିତ ରହି ସମ୍ପାଦନ କରୁ ଏବଂ ରମ୍‌ଜାନ୍‌ର ବର୍‌କତ୍‌ରୁ ପୂର୍ଣ୍ଣରୂପେ ଉପକୃତ ହେଉ ।

ଏକଥା ମଧ୍ୟ ମନେରଖନ୍ତୁ କି ଆଜିକାଲି ଯେଉଁ ମହାମାରୀ ସଂକ୍ରମଣ ଦ୍ୱାରା ସମଗ୍ର ବିଶ୍ୱରେ ଅର୍ଥନୀତି କ୍ଷତିଗ୍ରସ୍ତ ହୋଇସାରିଛି ପୁଣି ଏପରି ସଂକଟାପର୍ଣ୍ଣ ପରିସ୍ଥିତିରେ ଯୁଦ୍ଧର ଆଶଙ୍କା ମଧ୍ୟ ବେଶ୍ ବଢ଼ିଯାଇଛି । ଅନେକ ସମୀକ୍ଷକ ଏପରି ଆଲୋଚନା ମଧ୍ୟ କରୁଛନ୍ତି ପୁଣି ଭୌତିକବାଦୀ ରାଷ୍ଟ୍ରଗୁଡ଼ିକ ନିଜ ସ୍ୱାର୍ଥ ହାସଲ କରିବାପାଇଁ ସାଂସାରିକ ଆଳରେ ଏହାର ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି ଅର୍ଥାତ ଏପରି ଆଲୋଚନା କରି ନିଜର ରାଜ୍ୟବାସୀଙ୍କ ଧ୍ୟାନ ଭଟକଉଛନ୍ତି ଓ ପରେ ଏହା ହିଁ ଅନେକ ସମସ୍ୟାର ବାଟ କାଢ଼ିଦେଇଥାଏ, ଯଦ୍ୱାରା ଅଧିକ କ୍ଷୟକ୍ଷିତର ମଣିଷ ସମ୍ମୁଖୀନ ହୋଇଥାଏ । ଅଲ୍ଲାଃ ତାଲା ଶକ୍ତିଶାଳୀ ଦେଶମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେପରି ସେମାନେ ଏଭଳି ପଦକ୍ଷେପ ଗ୍ରହଣ କରିବାରୁ ନିବୃତ ରୁହନ୍ତୁ ଯଦ୍ୱାରା ବିଶ୍ୱ ଅଧିକ କ୍ଷତିଗ୍ରସ୍ତ ହେବାରୁ ରକ୍ଷା ପାଇଯାଉ ଆଜିକାଲି ଖବରକାଗଜରେ ମଧ୍ୟ ଏଭଳି ଆଲୋଚନାମାନ ପ୍ରକାଶନ ହେଉଛି କି ଆମେରିକା ଇରାନ୍‌କୁ ଧମକ ଦେଉଛି ଓ ଚୀନ୍ ଉପରେ ଅଭିଯୋଗ ଆଣୁଛି କି ସେ ସଠିକ୍ ସୁଚନା ଦେଇନାହିଁ ତେଣୁ ତାହା ଉପରେ ମୋକଦ୍ଦମା ହେବା ଉଚିତ । ଆମେ ତାହା ସହ ଏଭଳି କରିଦେବୁ ସେପରି କରିଦେବୁ ଇରାନ୍ ସହ ଏପରି ବ୍ୟବହାର ଆଚରଣ କରିବୁ ଇତ୍ୟାଦି ଇତ୍ୟାଦି । ତେବେ ଆମେରିକା ଓ ଅନ୍ୟ ଦେଶମାନଙ୍କୁ ମଧ୍ୟ ଚିନ୍ତନ ଓ ଅନୁଧ୍ୟାନ କରିବା ଉଚିତ ଏଭଳି ଜଟିଳ ପରିସ୍ଥିତିରେ କୌଣସି ଭୁଲ୍ ପଦକ୍ଷେପ ଉଠାଇବା ପରିବର୍ତେ ସକାରାତ୍ମକ ଚିନ୍ତା ଓ ଯୋଜନାମାନ କରି ଅଲ୍ଲାଃ ତାଲାଙ୍କ ଶରଣାଗତ ହୋଇ ତାହାଙ୍କ ସାହାଯ୍ୟ ଭିକ୍ଷା କରିବା ଉଚିତ । ଏହି ସଂକ୍ରମଣରୁ ରକ୍ଷାପାଇବା ପାଇଁ ଦୁଆ ଓ ଚେଷ୍ଟା କରିବା ଉଚିତ ଏହି ମହାମାରୀ ଟିକା ପ୍ରସ୍ତୁତ କରିବାପାଇଁ ବୈଜ୍ଞାନିକମାନେ ଯେଉଁ ପ୍ରୟାଶ ଚଳାଇଛନ୍ତି ସେଥିରେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ । ଅଲ୍ଲାଃ ତାଲା ଆମକୁ ନିଜ ଅବସ୍ଥାରେ ସଂସ୍କାର ଆଣିବାକୁ ଶକ୍ତିପ୍ରଦାନ କରନ୍ତୁ ଓ ବିଶ୍ୱର ମହାଶକ୍ତିମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ନିଜ ପରିସ୍ଥିତି ଅନୁଯାୟୀ ଯୋଜାନ ପ୍ରସ୍ତୁତ କରି ସେଥି ମୁତାବକ କାର୍ଯ୍ୟକାରୀ କରିବାକୁ ଶକ୍ତିପ୍ରଦାନ କରନ୍ତୁ । ଆମିନ୍

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୬)*

ତାଲିବେ ଦୁଆ: *Mufleh-u-ddin Khan,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ଅଲ୍ଲାଃ ତାଲାଙ୍କ ରସିକୁ ମଜବୁତ୍‌ରେ ଧରି ରଖନ୍ତୁ ଓ ନେଜାମେ ଯମାତ୍ (ଯମାତର ବ୍ୟବସ୍ଥା) ସହିତ ସର୍ବଦା ଯୋଡ଼ି ହୋଇ ରୁହନ୍ତୁ । କାରଣ ଏବେ ଏହା ବିନା ଆପଣମାନଙ୍କର ଉନ୍ନତି ନାହିଁ । ଏହା ଖିଲାଫତ୍‌ର ଆର୍ଶୀବାଦ ଯେ ସାରା ଦୁନିଆରେ ଯମାତ ଗୋଟିଏ ସୂତାରେ ଗୁନ୍ଥା ହୋଇ ରହିଛି ଓ ଧାର୍ମିକ ଉନ୍ନତିର ନୂଆ ନୂଆ ଲକ୍ଷସ୍ଥଳକୁ ଅତିକ୍ରମ କରିଚାଲିଛି । ତେଣୁ ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟ ପାଇବାପାଇଁ ଏବଂ ଦୀନ୍ ଓ ଦୁନିଆର ସୌନ୍ଦର୍ଯ୍ୟରୁ ଭାଗ ପାଇବାପାଇଁ ସର୍ବଦା ଖିଲାଫତ୍ ସହିତ ଯୋଡ଼ି ହୋଇ ରୁହନ୍ତୁ ।

ଆପଣମାନେ ନିଜ ନିଜ ଯମାତ୍‌ର ପ୍ରତିନିଧି ହୋଇ ଏକତ୍ରୀତ ହୋଇଛନ୍ତି । ଆପଣମାନଙ୍କର ଗୁରୁଦାୟିତ୍ୱ ହେଉଛି ଏହା କି ଖଲିଫାଙ୍କ ପ୍ରତ୍ୟେକ ବାଣୀକୁ ଲୋକମାନଙ୍କ ନିକଟରେ ପହଂଚାଇବା । ଏବେ ଏମ୍.ଟି.ଏ ଏବଂ ମାଗାଜିନ୍ ଇତ୍ୟାଦି ପତ୍ରୀକାମାନ ମହଜୁଦ୍ ରହିଛି, ଏହା ସତ୍ତ୍ୱେ ମଧ୍ୟ ଅନେକ ଲୋକ ଏଥିରୁ ଲାଭ ଉଠାଇନାହାନ୍ତି । ଏହିଭଳି ଲୋକମାନଙ୍କ ନିକଟରେ ଯୁଗ ଖଲିଫାଙ୍କ ବାଣୀ ପହଂଚାଇବାକୁ ହେବ । ଉଦାହରଣ ସ୍ୱରୁପ ଯୁମା ସମୟରେ ଖୁତ୍‌ବା ଯୁମାର ସାରାଂଶ ଶୁଣାଯାଇପାରେ । ସେହିପରି ଯେଉଁ ଲୋକମାନେ ପଢ଼ାଲେଖା କରିପାରୁନାହାନ୍ତି ବା ଯେଉଁମାନେ ଖୁତ୍‌ବା ଓ ଭାଷଣଗୁଡ଼ିକର ଭାଷା ବୁଝିପାରୁନାହାନ୍ତି, ସେମାନଙ୍କ ପାଇଁ ସେମାନଙ୍କ ଭାଷାରେ ଅନୁବାଦର ସ୍ଥାୟୀ ବ୍ୟବସ୍ଥା କରାଯିବା ଉଚିତ । ସେହିପରି ଯେଉଁମାନେ ଯମାତ୍‌ର ତର୍‌ବିୟତ (ପ୍ରଶିକ୍ଷଣ) କାର୍ଯ୍ୟରେ ନିୟୋଜିତ ଅଛନ୍ତି, ସେମାନେ ନିଜର ଭାଷଣ ଇତ୍ୟାଦିରେ ମଧ୍ୟ ଖଲିଫାଙ୍କର ଭାଷଣ ଓ ଖୁତ୍‌ବାଗୁଡ଼ିକରୁ ପଏଂଟ ବାହାରକରି ଉପସ୍ଥାପନ କରିବା ଉଚିତ । ଏହା ଦ୍ୱାରା ତର୍‌ବିୟତ୍‌ରେ ଐକ୍ୟମନୋଭାବ ସୃଷ୍ଟିହେବ ଏବଂ ଏହି ଏକତାକୁ ଆମପାଇଁ ଅଲ୍ଲାଃ ତାଲା ଖିଲାଫତ୍ ବ୍ୟବସ୍ଥା ଜରିଆରେ ପ୍ରଦାନ କରିଛନ୍ତି । ଅଲ୍ଲାଃ ତାଲାଙ୍କ କୃପାରୁ ସାରା ଦୁନିଆର ଅହେମଦୀମାନେ ଯେତେବେଳେ ଯୁଗ ଖଲିଫାଙ୍କ ଉପଦେଶ ଓ ନିର୍ଦ୍ଦେଶାବଳୀ ଶୁଣୁଛନ୍ତି, ସେତେବେଳେ ସେମାନଙ୍କ ଉପରେ ଅସାଧାରଣ ପୂଣ୍ୟ ପ୍ରଭାବ ପଡୁଅଛି । କାରଣ ଏକଥା ନିତ୍ୟ ଦେଖିବାକୁ ମିଳୁଅଛି ଓ ଅନୁଭବ କରାଯାଉଅଛି ଯେ ଗୋଟିଏ କଥାକୁ ଆଉ କାହାଠାରୁ ଶୁଣିବାପରେ ଶୁଣୁଥିବା ଲୋକ ଉପରେ ଏପରି ପ୍ରଭାବ ପଡୁନାହିଁ ଯେପରି ପ୍ରଭାବ ଖଲିଫାଙ୍କ କଥାକୁ ଶୁଣିବାରେ ପଡୁଅଛି । ଏହା ପଛରେ ବାସ୍ତବିକ ସେହି ପ୍ରେମ ଓ ଆସ୍ଥା ରହିଛି ଯାହା ଅଲ୍ଲାଃ ତାଲା ମୋମିନ୍ (ବିଶ୍ୱାସକାରୀ)ମାନଙ୍କ ହୃଦୟରେ ଯୁଗ ଖଲିଫାଙ୍କ ପାଇଁ ସୃଷ୍ଟି କରିଛନ୍ତି । ଅତଏବ୍ ଏଥିପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ଅଲ୍ଲାଃ ତାଲା ଆପଣମାନଙ୍କୁ ନିଜର ଦାୟିତ୍ୱଗୁଡ଼ିକୁ ଯଥା ସମ୍ଭବ ପ୍ରଦାନ କରିବାକୁ ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ଯୁଗ ଖଲିଫାଙ୍କର ବାସ୍ତବିକ ରୂପେ ସୁଲ୍‌ତାନ ନସିର୍ (ଶ୍ରେଷ୍ଠ ସାହାଯ୍ୟକାରୀ) ବନାନ୍ତୁ । ଆମିନ୍

**ୱସ୍‌ସଲାମ୍ ଖାକ୍‌ସାର୍**

**ମିର୍ଜା ମସ୍‌ରୁର୍ ଅହ୍‌ମଦ୍**

**ଖଲିଫତୁଲ୍ ମସିହିଲ୍ ଖାମିସ୍**

⌘⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ମାନ ବହୁତ ଉତମ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣଗୁଡ଼ିକ ବହୁତ ପ୍ରଭାବଶାଳୀ ଥିଲା । ସେ କହୁଥିଲେ ଯେ ସଫର୍ (ଯାତ୍ରା)ର ଥକାପଣ ଏତେ ମାତ୍ରାରେ ଥିଲା ଯେ ତାହା ବର୍ଣ୍ଣନା କରିହେବନାହିଁ କିନ୍ତୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖିବାପରେ ଓ ପ୍ରଥମଥର ପାଇଁ ହଜୁରଙ୍କ ପଛରେ ନମାଜ ପାଠ କରିବା ପରେ ଥକାପଣର ନା ଗନ୍ଧ ନଥିଲା । ଏପରି ଅନୁଭବ ହେଉଥିଲା, ଯେମିତି ଏବେ ଏକ ଗଭୀର ନିଦରୁ ଉଠିଛି । ବୟତ କରିବା ହେଉଛି ଏକ ପୁରସ୍କାର ଯାହାର ସମ୍ମାନ ଆମସମସ୍ତଙ୍କୁ କରିବା ଉଚିତ କାରଣ ଏହିପରି ଦେଶରେ ଗୋଟିଏ ହାତରେ ଜମା ହେବା ହିଁ ସଫଳତାର ଚାବିକାଠି ।

ୱଫଦ୍‌ରେ ସାମିଲଥିବା ଜଣେ ବନ୍ଧୁ Mr. Labinot Rexhad ସାହେବ୍, ସେଠାରେ ଗୋଟିଏ ହାଇସ୍କୁଲ୍‌ର ପ୍ରିନ୍‌ସପାଲ୍ ଅଛନ୍ତି । ସେ ପ୍ରଥମଥର ଏହି ଜଲ୍‌ସାରେ ସାମିଲ ହୋଇଛନ୍ତି । ତାଙ୍କୁ ବୟତଦ କରିବାର ସୌଭାଗ୍ୟ ମଧ୍ୟ ମିଳିଛି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଜଲ୍‌ସା ସାଲାନା ମୋ ଉପରେ ଏକପ୍ରକାରର ବିଶେଷ ଆବେଗପୂର୍ଣ୍ଣ ପ୍ରଭାବ ପକାଇଛି । ଯେତେବେଳେ ହଜୁର ହଲ୍ ଭିତରକୁ ପ୍ରବେଶ କରୁଥିଲେ ସେତେବେଳେ ସ୍ଲୋଗାନ୍ ଗଗନସ୍ପର୍ଶି ହେଉଥିଲା ଯେଉଁକ୍ଷଣି ହଜୁର ଅନଓ୍ୱର ଅ:ବ:ଅ କହୁଥିଲେ "ବସିଯାଅ" ସେତେବେଳେ ଏତେ ସଂଖ୍ୟକ ଲୋକ ତତ୍‌କ୍ଷଣାତ୍ ବସିଯିବା, ଏହା ଦୁନିଆରେ ଆଉଁ କେଉଁଠି ଦେଖିବାକୁ ମିଳେନାହିଁ । ହଜୁରଙ୍କ ଅଭିଭାଷଣ ଶୁଣିବାକୁ ସୁବ ପ୍ରକାରର ଜ୍ଞାନରେ ଭରପୁର ଥିଲା ଓ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଥିଲା । ମୋ କହିବା କଥା ହେଉଛି ଏହା କି ଜଲ୍‌ସା ୩ ଦିନ ନୁହେଁ ବରଂ ୩୦(ତିରିଶ) ଦିନର ହେବା କଥା । ବ୍ୟବସ୍ଥାରେ କେଉଁଠି ତୃଟି ଦେଖିବାକୁ ମିଳିଲା ନାହିଁ । ମୁଁ ଆସନ୍ତାବର୍ଷ ଜଲ୍‌ସାରେ ସାମିଲ ହେବା ପାଇଁ ବ୍ୟଗ୍ର ହେଉଅଛି । ମୁଁ ବୟତ କରିବାକୁ ମନସ୍ଥ କରିନଥିଲି କିନ୍ତୁ ବୟତ ଚାଲିଥିବା ସମୟରେ ମୋ ମନରେ ଏପରି ପ୍ରଭାବ ପଡ଼ିଲା ଯେ ସ୍ୱତଃପ୍ରତଃଭାବେ ହାତ ଉଠିଗଲା ଓ ବୟତର ଶବ୍ଦଗୁଡ଼ିକୁ ପଢ଼ିବା ଆରମ୍ଭ କରିଦେଲି ।

କୋଶୋଭୋ ଦେଶର ୱଫଦ୍‌ରେ ଆଉ ଜଣେ ବନ୍ଧୁ Mr. Afrim Hoxha ସାହେବ ପ୍ରଥମଥର ପାଇଁ ପରିବାର ଜଲ୍‌ସାରେ ସାମିଲ ହୋଇଥିଲେ ଏବଂ ପାଂଚଜଣ ବିଶିଷ୍ଟ ପରି ସମ୍ପୂର୍ଣ୍ଣ ପରିବାକୁ ବୟତ କରିବାର ସୌଭାଗ୍ୟ ମଧ୍ୟ ମିଳିଲା । ତାଙ୍କର କହିବାର ହେଉଛି ପ୍ରଥମେ ମତେ ବୟତ କରିବାକୁ ଭୟ ଲାଗୁଥିଲା ଯେ ଏହା କିପରି ହେବ ଓ ଏହା ଭାବି ଶରୀର କମ୍ପି ଉଠୁଥିଲା କିନ୍ତୁ ପ୍ରିୟ ହଜୁରଙ୍କୁ ଦେଖିବା ପରେ ଓ ବୟତ କରିବାପରେ ମନ ସନ୍ତୋଷ ଲାଭ କଲା ଓ ଶରୀର କମ୍ପନ ବନ୍ଦ ହୋଇଗଲା ।

କୋଶୋଭୋ ପ୍ରତିନିଧିମଣ୍ଡଳରେ ଜଣେ ବନ୍ଧୁ Mr. Minator Nalokw ସାହେବ୍ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ ହୋଇଥିଲେ ଓ ତାଙ୍କୁ ବୟତ କରିବାର ସୌଭାଗ୍ୟ ମଧ୍ୟ ମିଳିଛି । ସେ କହୁଛନ୍ତି: ନିଜର ମନୋଭାବକୁ ଶବ୍ଦରେ ବର୍ଣ୍ଣନା କରିବାକୁ ଅସମର୍ଥ । ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ କରିବା ପରେ ଏପରି ଅନୁଭବ ହେଉଛି ଯେପରି ଜୀବନ ସମ୍ପୂର୍ଣ୍ଣ ହୋଇଯାଇଛି ଓ ସଫଳ ହୋଇଯାଇଛି । ମୋ ଜୀବନରେ କେବେଠାରୁ ଏକ ଅଭିଳାଷା ଥିଲା ଯେ ଏପରି କେହି ଜଣେ ମତେ ମିଳନ୍ତୁ ଯିଏ ଦୁନିଆର ଚିନ୍ତା କରୁଥିବେ ଓ ଯାହାଙ୍କୁ ମିଳିବାପରେ ମୋର ସମସ୍ତ ସମସ୍ୟା ଓ ଦୁଃଖକଷ୍ଟ ଦୂର ହୋଇଯିବ । ଏ ଜଲ୍‌ସାରେ ମୋର ସାମିଲ ହେବା ଖୁଦାଙ୍କ ଅଧିନରେ ଥିଲା । ବୟତ କରିବା ସମୟରେ ମତେ ଏମିତି ଲାଗୁଥିଲା ଯେ ଯେମିତି ମୁଁ ଖୁଦାଙ୍କ ନିକଟତର ହୋଇଯାଇଛି ।

କର୍ଗିଜସ୍ତାନରୁ ଆସିଥିବା ଜଣେ ବନ୍ଧୁ ସଲାଲୁଦ୍ଦିନ୍ ସାହେବ୍ କହୁଛନ୍ତି ଯେ: ମତେ ଏ ଜଲ୍‌ସା ବହୁତ ଭଲ ଲାଗିଲା କିନ୍ତୁ ପ୍ରଶ୍ନ କରିବାର ଅବସର ହିଁ ମିଳିଲା ନାହିଁ । ଜଲ୍‌ସା ପୂର୍ବରୁ ମୋ ଶରୀରରେ ଭିଷଣ ପୀଡ଼ା ଥିଲା କିନ୍ତୁ ବୟତ କରିବା ପରେ ପୀଡ଼ାର ନା ଗନ୍ଧ ନଥିଲା ।

କର୍ଗିଜସ୍ତାନରୁ ଆସିଥିବା ଆଉ ଜଣେ ବନ୍ଧୁ Dr Jagynbek Baer ସାହେବ ବର୍ଣ୍ଣନା କରୁଛନ୍ତି ଯେ: ମୁଁ ଯାହା ଚାହୁଁଥିଲି ତାହା ମତେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତକାରରେ ପ୍ରାପ୍ତ ହୋଇଗଲା । ବୟତ କରିବା ସମୟରେ ମତେ ବହୁତ କାନ୍ଦ ଲାଗୁଥିଲା । ଆଜି ମଧ୍ୟ ବହୁତ କଷ୍ଟରେ ନିଜକୁ ଆୟତ କରିପାରିଛଇ । ମୁଁ ଅଲ୍ଲାଃ ତାଲାଙ୍କର କୃତଜ୍ଞ ଯେ ସେ ମତେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ହାତ ମିଳାଇବାର ଅବସର ଦେଲେ । ମତେ ଏମିତି ଲାଗୁଥିଲା ଯେମିତି ମୋର ଡ଼େଣା ବାହାରିପଡ଼ିଛି ଓ ମୁଁ ଉଡୁଅଛି । ଜଲ୍‌ସାର ଦିନଗୁଡ଼ିକ ମୋ ଜୀବନର ଅସାଧାରଣ ଦିନ ଥିଲା ।

Sevdian Sulejmanovski ସାହେବ ନିଜର ମନୋଭାବକୁ ଏପରି ବ୍ୟକ୍ତି କରୁଛନ୍ତି ଯେ ଆଜି ମୁଁ ଅହମଦିୟତ୍ ଗ୍ରହଣ କରିଛି । ଏହି ସୌଭାଗ୍ୟ ପ୍ରାପ୍ତି ଯୋଗୁଁ ମୁଁ ଆନନ୍ଦିତ । ଏବର୍ଷ ଜଲ୍‌ସାରେ ମୁଁ ବହୁତ ଲୋକଙ୍କୁ ଦେଖିବାକୁ ପାଇଛି । ଖାଇବା ପିଇବା ଓ ରହିବାସ୍ଥାନ ବହୁତ ଭଲ ଥିଲା । ଖଲିଫତୁଲ୍ ମସିହ୍‌ଙ୍କର ଅଭିଭାଷଣ ବହୁତ ଭଲ ଥିଲା କାରଣ ଇସ୍‌ଲାମ୍ ସମ୍ବନ୍ଧରେ ସେ ବହୁତ ସୁନ୍ଦରଭାବେ ବର୍ଣ୍ଣନା କରୁଛନ୍ତି । ସେ ବହୁତ ସହଜ, ସରଳ ଓ ସଂକ୍ଷିପ୍ତରେ ବର୍ଣ୍ଣନା କରୁଛନ୍ତି । ମୋ ମତରେ ୨୦୧୯ ର ଏହି ଜଲ୍‌ସା ବହୁତ ସଫଳ ହୋଇଛି ।

ଅଜର୍‌ବାଇଜାନ୍ ଦେଶରୁ ଆଗା ସଫ୍ ଅସ୍‌ଗର୍‌ଓ୍ୱ ସାହେବ ଜଲ୍‌ସାରେ ସାମିଲ ହୋଇଥିଲେ । ତାଙ୍କୁ ଜଲ୍‌ସା ସମୟରେ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)

*ତାଲିବେ ଦୁଆ: Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Pankal (Odisha)*

ହଜୁରଙ୍କ ହାତରେ ବୟତ କରିବାର ସୌଭାଗ୍ୟ ମଧ୍ୟ ମିଳିଛି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ ମୁଁ କେବେ ଏକଥା ଭାବି ମଧ୍ୟ ନଥିଲି ଯେ ମୁଁ ଆଧ୍ୟାତ୍ମିକତାର ଏତେ ଉଚ୍ଚସ୍ତରକୁ କେବେ ଦେଖିବି, ଯାହା ଖଲିଫତୁଲ୍ ମସିହଙ୍କ ଅସ୍ତିତ୍ୱ ଅଟେ । ମୁରବୀ ମେହ୍‌ମୁଦ୍ ସାହେବ୍ ମତେ ଯମାତ୍ ସମ୍ବନ୍ଧରେ ଏବଂ ଏହାର ଆସ୍ଥା / ବିଶ୍ୱାସ ସମ୍ବନ୍ଧରେ ଜ୍ଞାନ ଦେବା ଆରମ୍ଭ କଲେ । ମତେ ଏହାସବୁ ମନଗଢ଼ା ଓ ମିଛ ଲାଗିଲା । ମୁଁ ଏକଥାକୁ ଶୁଣି ଅସ୍ୱୀକାର କରିଦେଲି କିନ୍ତୁ ମୁଁ ଜାଣିନଥିଲି ଯେ ସତ୍ୟର ଏହି ଶକ୍ତି ମତେ ଶିଘ୍ର ନିଜଆଡ଼କୁ ଟାଣିନେବ । ନିଶ୍ଚିତରୂପେ ଯମାତ୍‌ର ସତ୍ୟତା ଓ ତାହାର ଉପସ୍ଥାପିତ ଦଲିଲ୍ (ପ୍ରମାଣ) ବହୁତ ସୁଦୃଢ଼ ଭିଡିଓରେ ଦେଖିଥିବା ଦୃଶ୍ୟ ଏଠାକୁ ଆସି ବାସ୍ତବରେ ଦେଖିବାକୁ ମୌକା ମିଳିଲା । ହଜୁରଙ୍କୁ ନିକଟରେ ଦେଖିବା ଖାତିର୍ ମୁଁ ଯୁମା ସମୟରେ ପ୍ରଥମ ଧାଡ଼ିରେ ଯାଇ ବସୁଥିଲି । ହଜୁରଙ୍କ ଆଗମନକୁ ଦେଖି ମୁଁ ବହୁତ ସୁଖ ଅନୁଭବ କରୁଥିଲି । ଏହି ଆଧ୍ୟାତ୍ମିକ ମଜା ସେତେବେଳେ ଆହୁରି ଅଧିକା ହୋଇଗଲା ଯେତେବେଳେ ହଜୁର ପବିତ୍ର କୁର୍‌ଆନ୍ ଆବୃତି କଲେ । ଏମିତି ଲାଗୁଥିଲା ଯେ ଏହି ସ୍ୱର ଓ ଏହାର ଆଧ୍ୟାତ୍ମିକ ପ୍ରଭାବ କେବଳ ହଜୁରଙ୍କ ସହିତ ବିଶେଷ ରୂପେ ଅନୁବନ୍ଧିତ । ଜଲ୍‌ସାରେ ବହୁତ ଲୋକଙ୍କୁ ମିଳିବାର ମୌକା ମିଳିଲା କିନ୍ତୁ ପ୍ରତ୍ୟେକଙ୍କ ସହିତ ମିଶି ଏକାପରି ଖୁସି ଅନୁଭବ ହେଉଥିଲା, ଯାହା ନିଶ୍ଚିତରୂପେ ଏହାର ପ୍ରମାଣ ଯେ ଏହା ହେଉଛି ଗୋଟିଏ ଯମାତ୍ । ଅଲ୍ଲାଃ ତାଲା ମତେ ହଜୁରଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ପ୍ରଥମେ ଯେତେବେଳେ ମତେ ଏ ଏତେଲା ଦିଆଗଲା, ସେତେବେଳେ ମୁଁ ବିଶ୍ୱାସ କରିପାରିଲି ନାହିଁ । ମୁଁ ଚାରିପାଂଚଥର ପଚାରିଲି ଯେ କଣ ବାସ୍ତବରେ ମୁଁ ହଜୁରଙ୍କ ପବିତ୍ର ହସ୍ତରେ ମୋ ହାତକୁ ରଖି ବୟତ କରିବି । ମୋ ଆଖରେ ଅଶ୍ରୁ ଆସିଗଲା ଓ ବ୍ୟତିବ୍ୟସ୍ତ ମଧ୍ୟ ହୋଇଗଲି ଯେ ମୁଁ ତ ଏହାର ଯୋଗ୍ୟ ନୁହେଁ । ପୁଣି ମୁଁ ଦରୁଦ୍ ଶରିଫ୍ ଏବଂ ଇସ୍‌ତିଗ୍‌ଫାର୍ ପଢ଼ିବା ଆରମ୍ଭ କରିଦେଲି । ବୟତ କରିବା ପର୍ଯ୍ୟନ୍ତ ନା ତ ମୁଁ ଖାଇପାରିଲି ଓ ନା ଆଉ କିଛି କରିପାରିଲି । ଅଲ୍‌ହମଦୋଲିଲ୍ଲାଃ ବୟତ କରିବାର ସମୟ ଆସଗଲା । ହଜୁର ଜ୍ୟୋତିପୂର୍ଣ୍ଣ ଚେହେରା ସହିତ ପଦାର୍ପଣ କଲେ । ମୋ ଆଖ ତାହା ଦେଖିପାରୁନଥିଲା । ଅଲ୍ଲାଃ ତାଲା ମତେ ଏପରି ଆଧ୍ୟାତ୍ମିକ ଅବସର ପ୍ରଦାନ କଲେ ଯେ ମୁଁ ବୟତ କରିବାପରେ ସଜ୍‌ଦାଃ ରେ ପଡ଼ିଗଲି ଓ ତାହାଙ୍କ କୃତଜ୍ଞତା ଜ୍ଞାପନ କଲି ଯିଏ ଅଧମକୁ ଏ ପାପିକୁ ନିଜର ଏତେବଡ଼ ପବିତ୍ର ଭକ୍ତଙ୍କ ହାତରେ ବୟତ କରିବାପାଇଁ ସୌଭାଗ୍ୟ ପ୍ରଦାନ କରିଛି । ଜଲ୍‌ସା ପରେ ମୁଁ ଜାଣିବାକୁ ପାଇଲି ଯେ ହଜୁର ଅନୱର ଅ:ବ:ଅଙ୍କ ସହିତ ଆମକୁ ଏକ ସାକ୍ଷାତକାରର ମୌକା ମିଳିଯିବ । ମୁଁ ସାରା ଦିନ ଅନେକ ପ୍ରଶ୍ନ ଚିନ୍ତା କରିଲି । ମନରେ ଏହା ମଧ୍ୟ ଆସୁଥିଲା ଯେ ବୟତ ସମୟରେ ଯେଉଁ ଚେହେରା ଦେଖିଥିଲି ତାକୁ ଏତେ ଶିଘ୍ର ଦେଖିବି ପୂନର୍ବାର ଦେଖିବି । ଯେତେବେଳେ ସାକ୍ଷାତ କରିବାର ସମୟ ଆସିଲା, ସେତେବେଳେ ମୁଁ ମୋ ମନ ଭିତରେ ଭାବିଥିବା ସବୁ ପ୍ରଶ୍ନକୁ ଭୁଲିଗଲି ଓ ସବୁଠାରୁ ଚିନ୍ତାରେ ପକାଇଥିବା ପ୍ରଶ୍ନ ମନେ ରହିଲା ଯେ ଜଲ୍‌ସା ପରେ ନିଜ ଦେଶକୁ ଯିବାପରେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ଜକାତ୍ ଏକ ମହତ୍ୱପୂର୍ଣ୍ଣ କର୍ତବ୍ୟ ଏହାର ପଇଠ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ ହୋଇଯାଇଛି । ଏହି ବୈଭବପୂର୍ଣ୍ଣ ମାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ନିତିବାଣୀ ମୁତବାକ ବୈକୁଣ୍ଠର ଦ୍ୱାରକୁ ଖୋଲି ଦିଆଯାଇଥାଏ ଓ ନର୍କର ଦ୍ୱାରକୁ ବନ୍ଦ କରିଦିଆଯାଏ । କାରଣ ଏହା ହେଉଛି ସେହି ବାବର୍‌କତ୍ ମାସ ଯେଉଁଥିରେ ମୋମିନ୍‌କୁ ଅଧିକରୁ ଅଧିକ ଅମ୍‌ରେ ବିଲ୍ ମାରୁଫ୍ (ଅର୍ଥାତ ପୂଣ୍ୟକର୍ମ)କୁ କରିବାପାଇଁ ଅବସର ମିଳିଥାଏ । ଯାହା ମାଧ୍ୟମରେ ସେମାନେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରି ଅସୁମାରୀ କରୁଣା ଓ ବୈଭବର ଉତରାଧିକାରୀ ହୋଇଥାନ୍ତି । ଏବଂ ଏହା ହିଁ ସେହି ବାବାର୍‌କତ୍ ମାସ ଯେଉଁଥିରେ ଆମ ପ୍ରୀୟ ମୁନୀବ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ବହୁଳଭାବେ ନା କେବଳ ଉପାସନା କରୁଥିଲେ ବରଂ ବହୁଳଭାବେ ନିଜର ଧନକୁ ଅଲ୍ଲାଃ ତାଲାଙ୍କ ରାସ୍ତାରେ ଖର୍ଚ୍ଚ କରୁଥିଲେ । ତେଣୁ ଆମ ମଧ୍ୟରୁ ପ୍ରତ୍ୟେକ ଅହେମଦୀ ମୁସଲମାନର ଏ କର୍ତବ୍ୟ ଯେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶ ଉପରେ ପରଚାଳିତ ହୋଇ ନା କେବଳ ନିଜ ଉପାସନାରେ ତିବ୍ରତା ସୃଷ୍ଟି କରିବା ବରଂ ତତ୍‌ସହିତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବାପାଇଁ ମଧ୍ୟ ନିଜ ପାଦକୁ ଆଗକୁ ବଢ଼ାଇବା ।

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ ପବିତ୍ର କୁର୍‌ଆନ୍‌ରେ ନମାଜ ସହିତ ଜକାତ୍‌ର ନିର୍ଦ୍ଦେଶ ରହିଛି । ତେଣୁ ସେହି ସମସ୍ତ ପୁରୁଷ ଓ ମହିଳାମାନେ, ଯେଉଁମାନେ ଜକାତ୍ ଦେବାପାଇଁ ଯୋଗ୍ୟ, ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଏହି ମହତ୍ୱପୂର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବା ପ୍ରତି ଧ୍ୟାନ ଦିଅନ୍ତୁ ।

ଜକାତ୍ ହେଉଛି ଇସ୍‌ଲାମ୍‌ର ଏକ ମୂଳ ସ୍ତମ୍ଭ, ଯାହା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଧାର୍ଯ୍ୟ ଅଟେ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଯମାତ୍‌ରେ ଗଣନା କରୁଅଛ, ଆକଶରେ ତୁମେ ସେତେବେଳେ ମୋ ଯମାତ୍ ରୂପେ ଗଣା ହେବ ଯେତେବେଳେ ପ୍ରକୃତରେ ଧର୍ମପରାୟଣତାର ମାର୍ଗରେ ତୁମେ ପାଦ ଥାପିବ । ତେଣୁ ନିଜ ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠକର ଯେପରି ତୁମେ ଖୁଦାତାଲାଙ୍କୁ ଦେଖୁଅଛ ଏବଂ ନିଜ ରୋଜାକୁ ଖୁଦାଙ୍କ ପାଇଁ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାପାଇଁ ଯୋଗ୍ୟ ସେ ଜକାତ୍ ଦେଉ" ।

***(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୫)***

ଗହଣାଗାଣ୍ଠିର ଜକାତ୍ ବିଷୟରେ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ: "ଯେଉଁ ଗହଣାଗୁଡ଼ିକ ପିନ୍ଧା ଯାଉଅଛି ଓ ବେଳେବେଳେ ଗରୀବ ମହିଳାମାନଙ୍କୁ ବ୍ୟବହାର କରିବାପାଇଁ ଦିଆଯାଉଅଛି, ଏ ସମ୍ବନ୍ଧରେ କେତେକ ଏ ଫତ୍‌ୱା ଦେଉଛନ୍ତି ଯେ ଏହାର କୌଣସି ଜକାତ୍ ନାହିଁ । ଯେଉଁ ଗହଣାଗୁଡ଼ିକୁ ପିନ୍ଧାଯାଏ ଓ ଅନ୍ୟ ଲୋକଙ୍କୁ ବ୍ୟବହାର କରିବାପାଇଁ ଦିଆନଯାଏ. ଏଥିରେ ଜକାତ ଦେବା ଶ୍ରେୟସ୍କର କି ତାହା ନିଜ ପାଇଁ ବ୍ୟବହାର କରାଯାଇଥାଏ । ଏହା ଉପରେ ଆମ ଘରର ଲୋକେ ଅମଲ (କର୍ମ) କରିଥାନ୍ତି । ପ୍ରତିବର୍ଷ ବର୍ଷ ପୂରଣ ହେବାରେ ମହଜୁଦ ଥିବା ଗହଣା ଜକାତ ଦେଇଥାନ୍ତି । ଯେଉଁ ଗହଣାକୁ ଟଙ୍କା ପରି ଜମା ରଖାଯାଇଥାଏ, ତାହାର ଜକାତ୍ ଦେବାରେ କାହାର ମଧ୍ୟ ଆପତି ନାହିଁ ।

***(ଅଲ୍‌ହକମ୍ ୧୭ ନଭେମ୍ବର ୧୯୦୫, ପୃ-୧୧)***

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ "ମନେରଖିବା ଉଚିତ ଯେ ଏହି ଟ୍ୟାକ୍ସ ଯାହାକୁ ଜକାତ୍ କୁହାଯାଏ, ଏହା ଆମଦାନି ଉପରେ ନୁହେଁ ବରଂ ମୁଳଧନ ଓ ଲାଭ ସବୁକୁ ମିଶାଇ ତା'ଉପରେ ଲଗାଯାଏ । ଏହିପରି ଅଢ଼େଇ ପ୍ରତିଶତ ବାସ୍ତବିକ ବେଳେ ବେଳେ ଲାଭର ପଚାଶ ପ୍ରତିଶତ ହୋଇଯାଇଥାଏ ।"

***(ଅହେମଦୀୟତ୍ ଅର୍ଥାତ ବାସ୍ତବିକ ଇସ୍‌ଲାମ୍, ଅନୱ୍ୱାରୁଲ୍ ଉଲୁମ୍, ଖଣ୍ଡ-୮, ପୃ-୩୦୬)***

ଗହଣା ଏବଂ ନଗଦ ଟଙ୍କାର ନିସାବ (ମାପ) ଜକାତ୍ ସମ୍ବନ୍ଧରେ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି ଯେ: "ରୁପା ପାଇଁ ରୁପା ଓ ସୁନା ପାଇଁ ସୁନା ର ନିସାବ (ମାପ) ହେବ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଯୁଗରେ ହଜୁର ସ:ଆ:ସ ନିଜେ ପ୍ରଚନଳ କରାଇଥିଲେ । ଯେଉଁଠି ନଗଦ ଟଙ୍କାର ନିସାବ ଜକାତ ଦେବା କଥା ଉଠୁଛି, ତେବେ ବର୍ତମାନ ପୃଥିବୀର ଅଧିକାଂଶ ଦେଶ ସୁନାକୁ ଅର୍ଥର ମାପଦଣ୍ଡ ରୂପେ ଆପଣାଇଛନ୍ତି । ତେଣୁ ନଗଦ ଟଙ୍କାର ଜକାତ ପାଇଁ ମଧ୍ୟ ସୁନାକୁ ହିଁ ମାପଦଣ୍ଡ ଆକାରରେ ବୁଝାଯିବ" ।

***(ହଜୁର ଅନୱ୍ୱର ଅ:ବ:ଅଙ୍କ ସଦର୍ ସାହେବ ମୟ୍‌ଲିସ୍ ଇଫ୍‌ତାଅଙ୍କ ୨୪ ଚିଠି)***

ଆଁ ହଜ୍‌ରତ୍ ସ:ଆ:ସ ରୂପା ପାଇଁ ସାଢ଼େ ବାଉନ (୫୨.୫) ଭରି ଓ ସୁନା ପାଇଁ ସାଢ଼େ ସାତ ଭରି (୭.୫) ନିସାବ (ମାପଦଣ୍ଡ) ଧାର୍ଯ୍ୟ କରିଛନ୍ତି ।

*ଯାହା ନିକଟରେ ସାଢ଼େ ବାଉନ (୫୨.୫) ଭରି ରୁପା ମହଜୁଦ୍ ଅଛି ଓ ତାଙ୍କୁ ରଖିବାର ଏକ ବର୍ଷ ବିତିଯାଏ ତେବେ ତା ଉପେର ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଧାର୍ଯ୍ୟ ଅଟେ ।

ସେହିପରି ଯାହା ନିକଟରେ ସାଢ଼େ ସାତ (୭.୫) ଭରି (୮୭ ଗ୍ରାମ) ସୁନା ମହଯୁଦ୍ ଥାଏ ବା ତାହା ସମ ନଗଦ ଅର୍ଥ ମହଜୁଦ୍ ଥାଏ ଓ ପୁଣି ଏକ ବର୍ଷ ବିତିଯାଏ, ତା'ଉପରେ ମଧ୍ୟ ମାପ ମୁତାବକ ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଫର୍ଜ (ଧାର୍ଯ୍ୟ) ଅଟେ ।

*ଜକାତ ବାବଦରେ ଅସୁଲ କରାଯାଇଥିବା ସମସ୍ତ ଅର୍ଥରାଶିକୁ ମର୍କଜକୁ ପଠାଇବା ଜରୁରୀ ।

ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ମହତ୍ୱପୁର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଯମାତ୍‌ର ସମସ୍ତ ସଦସ୍ୟମାନଙ୍କ ଧନ ଓ ଜନରେ ବରକତ୍ ପ୍ରଦାନ କରନ୍ତୁ । ଆମିନ୍ ।

***(ନାଜିର୍ ବୟତୁଲ୍ ମାଲ୍ ଆମଦ୍ କାଦିୟାନ୍)***

କଣ ଏହି ଆଧ୍ୟାତ୍ମିକ ସ୍ତର କାଏମ୍ ରହିବ ? ବା ଏହାକୁ କିପରି କାଏମ୍ ରଖିପାରିବା ? ଅଲ୍‌ହମଦୁଲିଲ୍ଲାଃ ହଜୁର ମୋ ଏହି ସମସ୍ୟାର ସମାଧାନ କରିଦେଲେ । ହଜୁର ଏ ପ୍ରଶ୍ନର ଉତରରରେ ମତେ କହିଲେ: ଯେ ନମାଜ, ସୁରାଃ ଫାତିହା, **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍- ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍** ଏବଂ ଇସ୍‌ତିଗ୍‌ଫାର୍ ହେଉଛି ଏହାର ସମାଧାନ । ମୁଁ ଏଠାରୁ ପ୍ରତିଜ୍ଞା କରି ଯାଉଅଛି ଯେ ଆସନ୍ତା ଜଲ୍‌ସା ପର୍ଯ୍ୟନ୍ତ ଏହି ଉପଦେଶ ଉପରେ ପରିଚାଳିତ ହେବି ଓ ଆସନ୍ତା ଜଲ୍‌ସାରେ ଯୋଗଦେଇ ହଜୁରଙ୍କୁ ବତାଇବି ।

ଅଷ୍ଟ୍ରିୟା ଦେଶଗୁଡ଼ିକ ସମ୍ପର୍କ ରଖିଥିବା ଜଣେ ମହିଳା ଅତିଥି ଫାତିମା ସାମିରୁଲ୍ ଲିଲ୍ ବାବିଦି ସାହିବା ଲେଖୁଛନ୍ତି ଯେ: ମୁଁ ଜଲ୍‌ସା ଜର୍ମାନୀ ଅବସରରେ ୭ ଜୁଲାଇ ଦିନ ବୟତ କରିଛି । ହଜୁର ଅନୱ୍ୱର ଅ:ବ:ଅଙ୍କୁ ଦୁଆ କରିବାକୁ ଅନୁରୋଧ ଯେ ମୋ ବୟତ ବାବର୍‌କତ୍ ହେଉ ଓ ମୋର କୌଣସି ଭୁଲ୍ ମୋର ଏହି ବୟତର ପ୍ରତିଜ୍ଞାକୁ ଭାଙ୍ଗି ନ ଦେଉ । ଅଲ୍ଲାଃ କରନ୍ତୁ ଯେ ମୁଁ ନିଜ ଭିତରେ ଏପରି ପରିବର୍ତନ ସୃଷ୍ଟି କରେ । ଯାହା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ **ଇସ୍‌ଲାମି ଉସୁଲ୍ କି ଫିଲାସଫି** ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ମୁଁ ମୋ ପରିବାର ସହିତ ୨୦୧୧ ମସିହାରୁ ଅହେମଦୀ ହୋଇଛି । ଦୁଇମାସ ପରେ ମୋ ବୟସ ୧୮ ବର୍ଷ ହୋଇଯିବ । ପିଲାବେଳୁ ମୋର ଏ ଇଚ୍ଛା ଥିଲା ଯେ ମୁଁ ନିଜେ ବୟତ କରିବି । ମୁଁ ୨୦୧୧ ମସିହାରୁ ନିଜର ବୟତ ଫର୍ମକୁ ସୁରକ୍ଷିତ ରଖିଥିଲି ମୁଁ ନିଜେ ହିଁ ଏହାକୁ ପେଶ୍ କରିବି ଓ ହଜୁର ଅନୱ୍ୱର ଅ:ବ:ଅଙ୍କ ହାତରେ ନିଜେ ବୟତ କରିବି । ଏହା ହେଉଛି ମୋର ତୃତୀୟ ଜଲ୍‌ସା ଯେଉଁଥିରେ ମୁଁ ସାମିଲ ହୋଇଛି । ମୋର ଡ୍ୟୁଟି ଅନୁବାଦ ଓ ଆରବରୁ ଆସିଥିବା ଅତିଥିମାନଙ୍କୁ ତବ୍‌ଲିଗ୍ କରିବା ବିଭାଗରେ ଲାଗିଥିଲା । ଏତେମାତ୍ରାରେ ତବ୍‌ଲିଗ୍ କରିବାର ସୌଭାଗ୍ୟ ମିଳିଲା ଯେ ମୋର ଗଳା ବସିଗଲା । ମତେ ଅନୁଭବ ହେଉଥିଲା ଯେ ଯେମିତି ମୁଁ ଜ୍ୟୋତିପୂର୍ଣ୍ଣ ମାର୍ଗରେ ପରିଚାଳିତ ହେଉଅଛି ଓ ଅଲ୍ଲାଃଙ୍କ ଯମାତ୍ ସହିତ ରହିଛି । ଏହାସବୁ କିଛି ହଜୁରଙ୍କ ପବିତ୍ର ଖିଲାଫତ୍‌ର ଛତ୍ରଛାୟା ଯୋଗୁଁ ସମ୍ଭବ । ଅଲ୍ଲାଃଙ୍କୁ ଧନ୍ୟବାଦ ଯେ ସେ ଆପଣଙ୍କୁ ଆମ ଓ ଅଲ୍ଲାଃଙ୍କ ମଧ୍ୟରେ ଏକ ସୁନ୍ଦର ମାଧ୍ୟମ ବନାଇଛନ୍ତି ଏବଂ ଆପଣଙ୍କର ଓ ଅଲ୍ଲାଃ ତାଲାଙ୍କର ନିକଟତା ପ୍ରଦାନ କରିଛି ।

ଜଣେ କୁର୍ଦ୍ଦ ସମ୍ପ୍ରଦାୟର ଝିଅ ନିଜ ମନୋଭାବକୁ ବ୍ୟକ୍ତକରି କହିଲେ: କିଛି ବର୍ଷ ପୂର୍ବେ ମୋ ମାଆ ଅହେମଦୀୟତ୍ ଗ୍ରହଣ କରିଥିଲେ କିନ୍ତୁ ସେତେବେଳେ ମୁଁ ପ୍ରସ୍ତୁତ ନଥିଲି । ଏବେ ବିଗତ କିଛି ମାସ ହେବ ମୋର ହୃଦବୋଧ ହୋଇଛି କାରଣ ମୁଁ ଅହେମଦୀମାନଙ୍କର ଆପୋଷରେ ଥିବା ପ୍ରେମଭାବକୁ ଦେଖିଛି ଓ ଆଜି ହଜୁରଙ୍କୁ ଦେଖିବା ଓ ଶୁଣିବା ପରେ ମୋ ଭିତରେ ଥିବା ସମସ୍ତ ସନ୍ଦେହ ଦୂର ହୋଇଗଲା । ଗତବର୍ଷ ମଧ୍ୟ ମୁଁ ଆସିଥିଲି କିନ୍ତୁ ଏପରି ଅବସ୍ଥା ମୋର ନଥିଲା ଯାହା ଆଜି ଅଛି । ମତେ ହଜୁରଙ୍କ ଅସ୍ତିତ୍ୱରୁ ନୂର (ଜ୍ୟୋତି) ବାହାରୁଥିବାର ଅନୁଭବ ହେଲା । ମୋ ମାଆ ବହୁତ ଖୁସି ହୋଇଯିବେ କାରଣ ମତେ ଏବେ ଏ ଅନୁଭବ ବହୁ ମାତ୍ରାରେ ହେବାକୁ ଲାଗିଛି ଯେ ମତେ ଅହେମଦୀ ହୋଇଯିବା ଉଚିତ ।

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା’ଉପରେ ଧ୍ୟାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly BADAR Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 28 May 2020 Issue No. 22

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

### ୭ ଜୁଲାଇ ୨୦୧୯ (ରବିବାର) ରିପୋର୍ଟର ବଳକାଅଂଶ

ନୌ ମୁବାଇଆତ୍ (ନୂତନ ଅହେମଦୀ ମହିଳା)ମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାରର ଅବଶିଷ୍ଟାଂଶ ଜର୍ମାନୀ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ମହିଳା କହିଲେ ଯେ ହଜୁର ବହୁତ ଅଛନ୍ତି, ଏହି ଶକ୍ତିର ରହସ୍ୟ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ "ଅଲ୍ଲାଃଙ୍କ କୃପା" ।

ଆଉ ଜଣେ ମହିଳା କହିଲେ ଯେ ଜଲ୍‌ସା ସାଲାନା ଅବସରରେ କୌଣସି ଜଣେ ବକ୍ତା ବର୍‌କାତେ ଖିଲାଫତ୍ ବିଷୟରେ ଚର୍ଚ୍ଚା କରି କହିଥିଲେ ଯେ ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରାକୁ ଦେଖି ସନ୍ତାନ ପ୍ରାପ୍ତି ପାଇଁ ଦୁଆ କରିଥିଲେ, ଫଳତଃ ଅଲ୍ଲାଃ ତାଲା ତାଙ୍କୁ ସନ୍ତାନ ସୁଖ ପ୍ରଦାନ କଲେ । ଆଜି ସେ ଜଲ୍‌ସାର କାର୍ଯ୍ୟକ୍ରମ ଚାଲିଥିବା ସମୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରାକୁ ଦେଖି ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ଦୁଆ କରିଥିଲେ ଓ ଅଲ୍ଲାଃ ତାଲା ତାଙ୍କର ଏହି ଇଚ୍ଛାକୁ ପୁରଣ କରିଦେଲେ ।

ସାକ୍ଷାତ କାରର ଶେଷରେ ନୌ ମୁବାଇୟାତ୍‌ମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସେମାନଙ୍କର ନିବେଦନ ଯୋଗୁଁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେମାନଙ୍କୁ କଲମ ମଧ୍ୟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ୭:୪୫ ମିନିଟରେ ଶେଷ ହେଲା ।

**ନୌମୁବାଇନ୍ (ନୂତନ ଅହେମଦୀ ପୁରୁଷ)ମାନଙ୍କର** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ଏହାପରେ ନୌମୁବାଏ ପୁରୁଷମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇଲେ । ଏହି ନୌମୁବାଇନ୍‌ମାନଙ୍କର ସଂଖ୍ୟା ଊଣା ଅଧିକେ ୨୨ ଥିଲା । ସେମାନଙ୍କ ମଧ୍ୟରେ ଆରବ, ଜର୍ମାନୀ ଏବଂ ତୁର୍କୀ ଦେଶ ସହିତ ସମ୍ବନ୍ଧ ରଖିଥିବା ନୌମୁବାଇନ୍ ସାମିଲ ଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ଜଣ ଜଣ କରି ସମସ୍ତ ନୌମୁବାଇନ୍‌ମାନଙ୍କର ପରିଚୟ ହାସଲ କଲେ । ସେମାନଙ୍କ ମଧ୍ୟରୁ କିଛି କହିଲେ ଯେ ସେମାନେ ଆଜି ହିଁ ବୟତ କରିଛନ୍ତି । ଅଧିକାଂଶ ନୌମୁବାଇନ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସଲାମ୍ ପ୍ରେରଣ କରି ନିଜ ପାଇଁ ଓ ନିଜ ପରିବାରବର୍ଗଙ୍କ ପାଇଁ ଦୁଆ କରିବାକୁ ଦରଖାସ୍ତ କଲେ ।

ଜଣେ ନୌମୁବାଇନ୍ କହିଲେ ଯେ ଗତବର୍ଷ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଆମ ଘରର ବାକି ସଦସ୍ୟଗଣ ନର୍‌ଓ୍ୱେରେ କୁଶଳମଙ୍ଗଳରେ ପହଂଚିବା ପାଇଁ ଦୁଆ କରିବା ନିମନ୍ତେ ଦରଖାସ୍ତ କରିଥିଲେ । ଅଲ୍ଲାଃଙ୍କ କୃପାରୁ ବର୍ତମାନ ଘରର ସମସ୍ତ ସଦସ୍ୟ ନର୍‌ଓ୍ୱେ ପହଂଚି ଯାଇଛନ୍ତି । ତାଙ୍କ ବାପା ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ଦରଖାସ୍ତ କରିଛନ୍ତି ଯେ ହଜୁର ଅନଓ୍ୱର ଅ:ବ:ଅ ନର୍‌ଓ୍ୱେ ଆସନ୍ତୁ ।

ଆଉ ଜଣେ ବନ୍ଧୁ ମୁହମ୍ମଦ ସାକିବ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ କହିଲେ ଯେ, ମୁଁ ସ୍ୱପ୍ନରେ ଦେଖିଛି ଯେ ହଜୁର ଅନଓ୍ୱର ଅ:ବ:ଅ ପିଲାମାନଙ୍କର ଗୋଟିଏ କ୍ଲାସ୍‌ରେ ବସିଛନ୍ତି, ମୁଁ ମଧ୍ୟ ସେଠାରେ ଉପସ୍ଥିତ ଅଛି । ହଜୁର ଅନଓ୍ୱର ଅ:ବ:ଅ ମତେ ଦେଖି ପାଖକୁ ଡ଼ାକିଲେ ଓ ହାତ ମିଳାଇ ସ୍ନେହ କଲେ । ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ଏହି ପ୍ରେମକୁ କାଏମ୍ ରଖନ୍ତୁ ।

ସିରିଆ ଦେଶର ଜଣେ ବନ୍ଧୁ ମୁହମ୍ମଦ ଅସ୍‌ବାଗ୍ ସାହେବ୍ ଜାନୁୟାରୀ ୨୦୧୯ରେ ବୟତ କରିଛନ୍ତି । ସେ ନିଜର ଅହେମଦୀ ହେବା ସମ୍ବନ୍ଧରେ ବତାଇଲେ ଯେ ତାଙ୍କ ବାପା ୨୦୦୮ ମସିହାରେ ସିରିଆରେ ବୟତ କରିଥିଲେ । ତା'ପରେ ତାଙ୍କର ଜଣେ ଭାଇ ମଧ୍ୟ ବୟତ କଲେ । କିନ୍ତୁ ମୁଁ ତିନିଥର ଜଲ୍‌ସାରେ ଯୋଗଦେଲିଣି ଓ ଲୋକମାନଙ୍କୁ ଭାବବିହ୍ୱଳ ହୋଇ କାନ୍ଦୁଥିବାର ଦେଖି ଆଶ୍ଚର୍ଯ୍ୟ ହେଉଥିଲି ଓ ହସୁଥିଲି ଯେ ଏମାନେ କାହିଁକି କାନ୍ଦୁଛନ୍ତି । ଏହା ସତ୍ତ୍ୱେ ମଧ୍ୟ ମୁଁ ବିରୋଧ କରୁଥିଲି ଓ ବୟତ କଲିନାହିଁ ।

ପୁଣି ଖୁଦାତାଲାଙ୍କ ନିକଟରେ ପ୍ରାର୍ଥନା କଲି ଯେ ଯଦି ଏହି ଯମାତ୍ ସତ୍ୟ ତେବେ ଅଲ୍ଲାଃ ତାଲା ସ୍ୱୟଂ ମାର୍ଗଦର୍ଶନ କରାଇବେ । ଏଥିରେ ମୁଁ ସ୍ୱପ୍ନରେ ଦେଖିଲି ଯେ ଏହିପରି ଏକ ସାକ୍ଷାତକାରର ଅବସରରେ ଲୋକମାନେ ବସିଛନ୍ତି । ମୁଁ ପ୍ରଥମ ଧାଡ଼ିରେ ବସିଛି, ସମସ୍ତେ ନୀରବରେ ବସିଛନ୍ତି, ହଜୁର ପଦାର୍ପଣ କଲେ ଓ ମୁଁ ଅଚାନକ କାନ୍ଦିବାକୁ ଲାଗିଲି । ହଜୁର ନିଜ ପାଖକୁ ଡ଼ାକି ସ୍ନେହର ସହିତ କହିଲେ ଯେ ଏଠି ମୋ ନିକଟରେ ବସ । ମୋ ଆଖି ଖୋଲିଗଲା ଓ ମୁଁ ସେହି କ୍ଷଣି ବୟତ କରିବା ପାଇଁ ଆଗ୍ରହ କଲି ଓ ବୟତ ମଧ୍ୟ କରିସାରିଛି ।

ସେ ନିଜ ମାଆଙ୍କ ବୟତ ପାଇଁ ମଧ୍ୟ ଦରଖାସ୍ତ କଲେ । ସେହି ଯୁବକ ଜଣକ ହଜୁରଙ୍କ ସହିତ ହାତ ମିଳାଇବା ପାଇଁ ଇଚ୍ଛା ପ୍ରକାଶ କଲେ । ଏଥିରେ ହଜୁର କହିଲେ ସାକ୍ଷାତକାର ସମସ୍ତଙ୍କୁ ଏହାର ମୌକା ମିଳିବ । ସାକ୍ଷାତକାର ପରେ ସେହି ବ୍ୟକ୍ତି ଜଣକ ହଜୁରଙ୍କ ସଙ୍ଗେ ହାତ ମିଳାଇବାର ସୌଭାଗ୍ୟ ପାଇଲେ ଓ ଫଟୋ ଉଠାଇବାର ଅବସର ମଧ୍ୟ ମିଳିଲା ।

ଆଉଜଣେ ବନ୍ଧୁ କହିଲେ ଯେ ବୟତ କରିବାପରେ ମୋର ସବୁ କାର୍ଯ୍ୟ ଠିକ୍ ହୋଇଯାଇଛି । କେସ୍ ମଧ୍ୟ ପାସ ହୋଇଯାଇଛି । ରହିବାର ବ୍ୟବସ୍ଥା ମଧ୍ୟ ହୋଇଗଲା ଓ Job ମଧ୍ୟ ମିଳିଗଲା ।

ଜର୍ମାନୀର ଜଣେ ନୌମୁବାଇନ୍ କହିଲେ ଯେ ମୁଁ ବୟତ କରିସାରିଛି । ଏବେ ମୁଁ କିଭଳି ଆଧ୍ୟାତ୍ମିକତାର ବଢ଼ିପାରିବି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପାଂଚବେଳା ନମାଜ ନିୟମିତ ପାଠକର । ସୁରାଃ ଫାତିହା ମୁଖସ୍ଥ କର, ପୁଣି ତାହାର ଅନୁବଦା ମୁଖସ୍ଥ କରି ତା'ଉପରେ ଗଭୁର ଅନୁଶୀଳନ କରିଚାଲନ୍ତୁ ।

ଆଉ ଜଣେ ନୌମୁବାଇନ୍ କହିଲେ ଯେ ମୁଁ ଆଜି ବୟତ କଲି, ମୋ ସ୍ତ୍ରୀ ଗତବର୍ଷ ବୟତ କରିଥିଲେ । ଏବେ ଆମେ ଦୁହେଁ ଅହେମଦୀ ହୋଇଗଲୁ । ପୁଣି ସେ ମହାଶୟ ହଜୁରଙ୍କୁ ଦୁଆ କରିବାପାଇଁ ନିବେଦନ କଲେ ।

ଆଉ ଜଣେ ନୌମୁବାଇନ୍ କହିଲେ ଯେ ମୋର ସମ୍ବନ୍ଧ ତୁର୍କୀ ଦେଶ ସହିତ ଅଛି । ବର୍ତମାନ ମୁଁ ଜର୍ମାନୀରେ ରହୁଛି । ମୁଁ ପ୍ରଥମେ ସ୍ଥିରଚିତ ନଥିଲି, ଏବେ ଯେବେ ମୋର ଆତ୍ମା ସନ୍ତୁଷ୍ଟ ହେଲା ମୁଁ ବୟତ କରିନେଲି । ଏବେ ମୁଁ ମରିବା ପର୍ଯ୍ୟନ୍ତ ଏହାକୁ ପାଳନ କରିବି । ପୁଣି ସେ କହିଲେ ଯେ ମତେ ପୂର୍ବରୁ ବୟତ କରିନେବାର ଥିଲା ।

ଆଉ ଜଣେ ନୌମୁବାଇନ୍ କହିଲେ ଯେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମଜ୍‌ଲିସସ୍‌ରେ ବସିବା ଆମପାଇଁ ବହୁତ ସମ୍ମାନର କଥା । ସେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ତାଙ୍କ ମାଆଙ୍କ ନିମନ୍ତେ ଦୁଆ କରିବାପାଇଁ ନିବେଦନ କଲେ । ତାଙ୍କ ମାଆ କହିଥିଲେ ଯେବେ ତୁମେ ହଜୁରଙ୍କୁ ମିଳିବ, ମୋର ସଲାମ୍ କହିବ ।

ନୌମୁବାଇନ୍‌ମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତେ ବ୍ୟକ୍ତିଗତ ରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ପ୍ରୋଗ୍ରାମ ମୁତାବକ ଏଠି Karlsruhe ଠାରୁ ଫ୍ରାଙ୍କଫର୍ଟ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । କାଫିଲା ୮:୪୦ ରେ ବୟତୁସ୍ ସବୁହ୍ ଫ୍ରାଙ୍କଫ୍ରଟ ନିମନ୍ତେ ବାହାରି ପଡ଼ିଲା ।

ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ି ଜଲ୍‌ସାଗାଃର ପ୍ରାଙ୍ଗଳରୁ ବାହାରକୁ ବାହାରୁଥିଲା ସେତେବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇ ରହିଥିବା ହଜାର ହଜାର ପୁରୁଷ ଓ ମହିଳା, ପୁଅ ଓ ଝିଅପିଲାମାନେ ନିଜ ହାତକୁ ହଲାଇ ନିଜ ପ୍ରୀୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଲେ । ଯମାତ୍‌ର ବନ୍ଧୁଗଣ ଅନବରତ ନାରା (ସ୍ଲୋଗାନ) ଲଗାଇଥିଲେ । ଝିଅପିଲାମାନେ ଦଳଦଳ ହୋଇ ବିଦାୟ ସମ୍ବର୍ଦ୍ଧନା ମୁଳକ ନଜମ୍ ପାଠ କରୁଥିଲେ । ପାଖାପାଖି ଏକ ଘଂଟା ୩୫ ମିନିଟ୍ ଯାତ୍ରା କରିବାପରେ ଠିକ୍ ଦଶଟା ପନ୍ଦର ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅଙ୍କର ବୟତୁସ୍ ସବୁହ୍‌ଠାରେ ପଦାର୍ପଣ ହେଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୧୦:୩୦ ରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଏବଂ ଇଶା ଯମା କରି ପଢ଼ାଇଲେ । ନମାଜପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ନୌମୁବାଇନ୍‌ମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ

ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ୩୭ ଜଣ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରେ ବୟତ କରିବାର ସୌଭାଗ୍ୟ ହାସଲ କଲେ । ବୟତ କରିଥିବା ଲୋକମାନଙ୍କର ସମ୍ବନ୍ଧ ୧୬ ଟି ଭିନ୍ନ ଭିନ୍ନ ଜାତି ସହିତ ଥିଲା । ବୟତର ସୌଭାଗ୍ୟ ପାଇଥିବା ବନ୍ଧୁମାନେ ନିଜର ଏହି ସୌଭାଗ୍ୟ ପାଇଁ ଖୁସି ବ୍ୟକ୍ତ କରୁଥିଲେ । କେତେକ ବନ୍ଧୁ ବୟତ କରିବାପରେ ନିଜର ମନୋଭାବକୁ ବ୍ୟକ୍ତ କରି ନିଜର ଆବେଗକୁ ପ୍ରକାଶ କଲେ ଯାହା ନିମ୍ନରେ ଦରଜ କରାଯାଇଅଛି ।

କୋଶୋଭୋ ଦୋର ପ୍ରତିନିଧିମଣ୍ଡଳରେ ସାମିଲ ଥିବା ଜଣେ ବନ୍ଧୁ Mr. Skender Hsllani ସାହେବ ଯିଏ ଆଲ୍‌ବାନିଆନ୍ ଭାଷା ଓ ସାହିତ୍ୟର ଶିକ୍ଷକ ଅଟନ୍ତି, ତାଙ୍କୁ ଏ ବର୍ଷ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ: ବ୍ୟବସ୍ଥା ବହୁତ ଉଚ୍ଚକୋଟିର ଥିଲା । ଖୋଜିଲେ ମଧ୍ୟ କୌଣସି ତ୍ରୁଟି ମିଳିଲା ନାହିଁ । ତକ୍‌ରୀର୍‌ଗୁଡ଼ିକର

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan